Daily Edition:
RNI No.ODIODI/2010/33791

ଶୁକ୍ରବାର, ୧୫ ଡିସେମ୍ବର ୨୦୧୭
ଭାଗ ୮ ସଂଖ୍ୟା ୧୨୩

Friday, 15 December 2017
Volume VIII, Issue No 123

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ବିଛା ୩୦; ପୌଷ ୧୩ଶୀ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥେ ଧାମହି

# ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

## ବ୍ରହ୍ମପୁତ୍ରନଦୀର ଜଳ କଳା ପଡିଗଲା

ନୂଆଦିଲ୍ଲୀ ,୧୪/୧୨(ଏଜେନ୍ସି) : ଚୀନ ଯୋଗୁଁ ବ୍ରହ୍ମପୁତ୍ର ନଦୀର ଜଳ କଳା ପଡିଯାଇଛି । ଏଥିନେଇ ଭାରତ ସରକାର ଚୀନର ବୈଦେଶିକ ମନ୍ତ୍ରାଳୟ ନିକଟରେଯ ଆପତ୍ତି କରିଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପ୍ରବକ୍ତା ସୂଚନା ଦେଇ କହିଛନ୍ତି ।



ପ୍ରସଙ୍ଗ
Email : srutimedia@gmail.com

ଗୁଜରାଟ ନିର୍ବାଚନର ଫଳ ୨୦୧୯ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ କି ?

୧୪/୧୩ ଉ ପ

ଖଣି ଲିଜଧାରୀମାନେ ଜୋରିମାନା ନଦେବା ପାଇଁ ଯେଉଁ ବାହାନା କରୁଛନ୍ତି ତାହା ଗ୍ରହଣ ଯୋଗ୍ୟ କି ?

ନା ୯୬%

ହଁ ୪%

ଭିତର ପୃଷ୍ଠାରେ


ଧାଡିରେ ଛିଡା ହୋଇ ଭୋଟ୍ ଦେଲେ ମୋଦି


ଆଜିଠୁ ଶୀତ ଅଧିବେଶନ


୨୦ ହଜାର ଡଲାରରେ ପହଞ୍ଚିଲା ବିଟ୍ କଏନ


ଆଇଏନଏସ କାଲବାରୀ ନୌସେନାର ସାମିଲ

# ଗୁଜରାଟ ଓ ହିମାଚଳପ୍ରଦେଶରେ ବିଜେପି

## ଉଭୟ ରାଜ୍ୟରେ ବିଜେପିକୁ ମିଳିବ ସ୍ପଷ୍ଟ ବହୁମତ: ଏକଜିଟ ପୋଲ

ନୂଆଦିଲ୍ଲୀ, ୧୪/୧୨(ଏଜେନ୍ସି) ଗୁଜରାଟର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ଶେଷହେବା ପରେ ପରେ ମତଦାନ ପରବର୍ତ୍ତୀ ଜନମତ ସର୍ଭେ ରିପୋର୍ଟ ପ୍ରକାଶ କରିଛନ୍ତି ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ। ଗୁଜରାଟରେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଦୁ ଚାଲିବ ବୋଲି ପୂର୍ବାନୁମାନ ପ୍ରକାଶ ପାଇଛି। ବିପୁଳ ଆସନରେ ବିଜୟୀ ହୋଇ ବିଜେପି କ୍ଷମତା ବଜାୟ ରଖିବ। ମୋଟ ୧୮୨ଟି ଆସନ ମଧ୍ୟରୁ ବିଜେପି ଏକାକୀ ୧୦୮ରୁ ୧୨୦ଟିରେ ଜିତିବା ସମ୍ଭାବନା ଥିବାବେଳେ କଂଗ୍ରେସକୁ ୬୫ରୁ ୭୫ ଟି ଏବଂ ଅନ୍ୟମାନେ ମାତ୍ର ୧ରୁ ୪ଟି ଆସନ ପାଇପାରନ୍ତି ବୋଲି ପୂର୍ବାନୁମାନ କରାଯାଇଛି। ସେହିଭଳି ହିମାଚଳ ପ୍ରଦେଶରେ ହୋଇଥିବା ବିଧାନସଭା ନିର୍ବାଚନରେ କ୍ଷମତା ପରିବର୍ତ୍ତନ ହେବା ପୂର୍ବାନୁମାନ କରାଯାଇଛି।

ଗୁରୁବାର ସନ୍ଧ୍ୟାରେ ପ୍ରକାଶିତ ସିଭୋଟର ଦ୍ୱାରା କରାଯାଇଥିବା ଏକ୍‌ଜିଟ୍ ପୋଲ ରିପୋର୍ଟ ମୁତାବକ ଗୁଜରାଟରେ ବିଜେପିକୁ ୧୦୮ ଓ କଂଗ୍ରେସକୁ ୭୪ଟି ଆସନ ମିଳିବ। ଟାଇମ୍ସ ନାଓ ଆକଳନ ମୁତାବକ ଗୁଜରାଟରେ ବିଜେପିକୁ ୧୦୯, କଂଗ୍ରେସକୁ ୭୦ ଓ ଅନ୍ୟମାନଙ୍କୁ ୩ଟି ଆସନ ମିଳିବ। ଏବିପି ନିଉଜ୍ ଦ୍ୱାରା କରାଯାଇଥିବା ଆକଳନ ମୁତାବକ ଗୁଜରାଟରେ ବିଜେପିକୁ ୧୧୦, କଂଗ୍ରେସକୁ ୭୧ ଓ ଅନ୍ୟମାନଙ୍କୁ ୧ଟି




ଆସନ ମିଳିବ। ସେହିପରି ଇଣ୍ଡିଆ ଟୁଡେ ଆକ୍ସିସ ପକ୍ଷରୁ କରାଯାଇଥିବା ଏକ୍‌ଜିଟ୍ ପୋଲରେ ବିଜେପିକୁ ଏଠାରେ ୧୦୭, କଂଗ୍ରେସକୁ ୭୪ ଓ ଅନ୍ୟମାନଙ୍କୁ ୧ ଟି ଆସନ ମିଳିବ। ଟୁଡେ ଚାଣକ୍ୟ ପକ୍ଷରୁ କରାଯାଇଥିବା ଆକଳନ ମୁତାବକ ଏଠାରେ ବିଜେପିକୁ ୧୧୦-୧୨୦, କଂଗ୍ରେସକୁ ୬୫-୭୫ ଓ ଅନ୍ୟମାନଙ୍କୁ ୨ଟି ଆସନ ମିଳିବ। ସାହାରା ସମୟ ମଧ୍ୟ ଆକଳନ କରିଛି ଯେ ଗୁଜରାଟରେ ବିଜେପିକୁ ୧୧୦-୧୨୦ ଆସନ ମିଳିବ। ହିମାଚଳ ପ୍ରଦେଶରେ ସିଭୋଟର ଆକଳନ ମୁତାବକ ବିଜେପିକୁ ୪୧, କଂଗ୍ରେସକୁ ୨୫ ଓ ଅନ୍ୟମାନଙ୍କୁ ୨ଟି ଆସନ ମିଳିବ। ଇଣ୍ଡିଆ ଟୁଡେ ଆକ୍ସିସ ପକ୍ଷରୁ ଆକଳନ ମୁତାବକ ଏଠାରେ ବିଜେପିକୁ ୫୧, କଂଗ୍ରେସକୁ ୧୬ ଓ ଅନ୍ୟମାନଙ୍କୁ ଗୋଟିଏ ଆସନ ମିଳିବ। ଗୁଜରାଟରେ ବିଜେପି ପୁଣିଥରେ କ୍ଷମତାସୀନ ହେବାକୁ ଯାଉଥିବାବେଳେ ହିମାଚଳପ୍ରଦେଶରେ କଂଗ୍ରେସକୁ ଗାଦିଚ୍ୟୁତ କରି ବିଜେପି କ୍ଷମତାସୀନ ହେବ। ହିମାଚଳରେ ୬୮ଟି ଆସନ ଲାଗି ପୂର୍ବରୁ ମତଦାନ ଶେଷ ହୋଇଥିଲେ ମଧ୍ୟ ଗୁଜରାଟ ସହିତ ଆସନ୍ତା ୧୮ରେ ଫଳ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

# ୪ ରୁଷୀୟ ପର୍ଯ୍ୟଟକ ଅଟକ



ପୁରୀ, ୧୪/୧୨(ଶ୍ରୁମି) ଶ୍ରୀମନ୍ଦିର ପ୍ରତି ଯେପରି କାହାର ଧ୍ୟାନ ନାହିଁ। କେତେବେଳେ ଶ୍ରୀମନ୍ଦିର ଭିତର ବେଢ଼ା ତ କେତେବେଳେ ଶ୍ରୀମନ୍ଦିର ଗର୍ଭଗୃହର ଫଟୋ ସୋସିଆଲ୍ ମିଡିଆରେ ଘୂରିବୁଲୁଛି ତ କେତେବେଳେ ଶ୍ରୀମନ୍ଦିର ଉପରୁ ଭିଡିଓ ଚିତ୍ର ଉତ୍ତୋଳନ କରାଯାଇ ପ୍ରଘଟ କରାଯାଉଛି। ଏବେ ଏ ସବୁକୁ ପଛରେ ଛାଡ଼ି ଆଉ ପାଦେ ଆଗେଇ ଯାଇଛନ୍ତି ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଥିବା ଦୁର୍ବୃତ୍ତମାନେ। ଏଥର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଆରମ୍ଭ କରିଛି। ଗୁରୁବାର ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ କ୍ୟାମେରା ଉଡ଼ି ମନ୍ଦିରର ନିଖୁଣ ଛବି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା। ଏହି ଡ୍ରୋନ୍ କ୍ୟାମେରାକୁ ରାଧାବଲ୍ଲଭ ମଠରେ ଥାଇ ୩ ଜଣ ରଷୀୟ ପର୍ଯ୍ୟଟକ ନିୟନ୍ତ୍ରଣ କରୁଥିଲେ। ସେମାନଙ୍କ ମଧ୍ୟରେ ଦୁଇଜଣ ପୁରୁଷ ଓ ଜଣେ ମହିଳା ଥିଲେ। ଏହି ୩ ଜଣଙ୍କ ସମେତ ଆଉ ଜଣେ ରଷୀୟ ପର୍ଯ୍ୟଟକଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। ଉକ୍ତ ଡ୍ରୋନ୍‌ରେ ହାଇଡେଫିନେସନ୍ କ୍ୟାମେରା ଖଞ୍ଜା ଯାଇଥିଲା। ଜାଣିବାକୁ ମିଳିଛି ଯେ ଏହି ପର୍ଯ୍ୟଟକମାନେ ଇସ୍କନ ଭକ୍ତ।

# ୮ ମାଓବାଦୀ ନିହତ

ମାଲ୍‌କାନ୍‌ଗିରି,୧୪/୧୨ (ଶ୍ରୁ.ମି.): ସୀମାନ୍ତ ତେଲେଙ୍ଗାନା ରାଜ୍ୟ ଭଦ୍ରାଦି କୋତାଗୁଡମ୍ ଜିଲ୍ଲା ଟେକୁଲାପାଲି ମଣ୍ଡଳର ନେଲାମଡଗୁ ଜଙ୍ଗଲରେ ମାଓବାଦୀ ସଂଗଠନରୁ ଅଲଗା ହୋଇ ଗଠିତ ଅନ୍ୟ ଏକ ମାଓବାଦୀ ଦଳ ସହ ଆଜି ସକାଳୁ ଜିଲ୍ଲା ପୁଲିସର ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ୮ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଏବଂ ସେଠାରୁ ୫ଟି ବନ୍ଧୁକ ଜବତ ହୋଇଥିବା ଜଣାପଡ଼ିଛି। ମୃତ ମାଓବାଦୀଙ୍କ ମଧ୍ୟରେ ଡିସିଏସ୍ କ୍ୟାର୍ଡରର ମାଓବାଦୀ କୁମାରର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ୪୦ ଦିନରେ ୧୦୦ ହାତୀ ମୃତ

ଗୁଆହାଟୀ, ୧୪/୧୨(ଏଜେନ୍ସି) ବିପଦରେ ଗଜରାଜ। ଦିନକୁ ଦିନ ଦେଶରେ ହାତୀ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ରିପୋର୍ଟ ଅନୁସାରେ ଗତ ୪୦ ଦିନ ମଧ୍ୟରେ ଆସାମରେ ୧୦୦ଟି ହାତୀଙ୍କର ମୃତ୍ୟୁ ଘଟିଛି। ଏଥିମଧ୍ୟରୁ ଅଧିକାଂଶ ହାତୀଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଟ୍ରେନ୍ ପାର ହେଉଥିବାବେଳେ ରେଳ ଲାଇନ୍ ଉପରେ ଧକ୍କା ଲାଗି, ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଥବା ଚା ବଗିଚାରେ ଖସିପଡ଼ି ଏହି ହାତୀଗୁଡ଼ିକ ମରିଛନ୍ତି। ଆଉ କେତେକ ହାତୀଙ୍କୁ ଶୀକାରୀମାନେ ଗୁଳି କରି ମାରିଥିବା ଜଣାପଡ଼ିଛି। ଆସାମରେ ୪୦ ଦିନ ମଧ୍ୟରେ ଏତେ ସଂଖ୍ୟକ ହାତୀ ମରିବା ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ୧୪ ଦିନ ପୂର୍ବରୁ ସରିଲା ଶୀତ ଅଧିବେଶନ

ଭୁବନେଶ୍ୱର, ୧୪।୧୨(ଶ୍ରୁମି) :ନିର୍ଦ୍ଧାରିତ ୧୪ ଦିନ ପୂର୍ବରୁ ବିଧାନସଭାର ଶୀତ ଅଧିବେଶନକୁ ବନ୍ଦ କରିଦିଆଯାଇଛି। ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ତେବେ ଗୁରୁବାର ବିଧାନସଭାରେ ପୂର୍ବ ଦିନ ଭଳି ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଉଭୟ ଶାସକ ଓ ବିରୋଧି ନିଜ ନିଜ ଉଦ୍ଦେଶ୍ୟ ମୁତାବକ ପ୍ରସଙ୍ଗକୁ ନେଇ ଗୃହରେ ଅଚଳାବସ୍ଥା ସୃଷ୍ଟି କରିବାକୁ ଉଦ୍ୟମ କରୁଥିଲେ। ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ସମୟରୁ ଚାଷୀ ସମସ୍ୟା ଓ ଧାନ ସଂଗ୍ରହ ପ୍ରସଙ୍ଗକୁ କେନ୍ଦ୍ର କରି ବିରୋଧିମାନେ ହଙ୍ଗାମା କରିଥିଲେ। କଂଗ୍ରେସ ଓ ବିଜେପି ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଖଣି ଲିଜ୍‌ଧାରୀଙ୍କଠାରୁ ଆଦାୟ ହେବାକୁଥିବା ଜୋରିମାନା ଅର୍ଥରୁ ଚାଷୀମାନଙ୍କୁ ବୋନସ୍ ଦେବାପାଇଁ ବିଜେପି ସଦସ୍ୟମାନେ ଦାବି କରୁଥିବାବେଳେ କଂଗ୍ରେସ ବିଧାୟକମାନେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ



ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିରୁଦ୍ଧରେ ଗୃହ ଅବମାନନା ଅଭିଯୋଗ ଆଣି ଗୃହର ମଧ୍ୟଭାଗକୁ ଉଠିଆସିଥିଲେ। ଗୃହରେ ପ୍ରବଳ ପାଟିତୁଣ୍ଡ ଲାଗିରହିବାରୁ ପ୍ରଶ୍ନୋତ୍ତର କାର୍ଯ୍ୟ ସମ୍ଭବ ହୋଇନଥିଲା। ଫଳରେ ଗୃହରେ ଅଧକ୍ଷତା କରୁଥିବା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ୧୦.୩୧ରେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଦେଇଥିଲେ। ମଧ୍ୟାହ୍ନ ୧୨ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। କିନ୍ତୁ ପରିସ୍ଥିତିରେ କିଛି ପରିବର୍ତ୍ତନ ହୋଇନଥିଲା। ବାଚସ୍ପତି ପ୍ରଦୀପ କୁମାର ଅମାତ ବିରୋଧି ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ଡାକିଥିଲେ। ସେ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିରୁଦ୍ଧରେ ଅଭିଯୋଗ ଆଣି କହିଥିଲେ ଗୃହ ଚାଲିଥିବାବେଳେ ମନ୍ତ୍ରୀ ସାମ୍ବାଦିକମାନଙ୍କ ନିକଟରେ ତଥ୍ୟ ରଖିଛନ୍ତି। ତେଣୁ ଏହାଦ୍ୱାରା ଗୃହର ସ୍ୱାଧିକାର ଭଙ୍ଗ ହୋଇଛି। ବାଚସ୍ପତି ମନ୍ତ୍ରୀଙ୍କୁ ଗୃହରେ ବିବୃତ୍ତି ଦେବାକୁ ଅନୁମତି ଦେବା ବିଧି ବ୍ୟବସ୍ଥାର ବିରୁଦ୍ଧାଚରଣ ବୋଲି ସେ କହିଥିଲେ। ତେବେ ବାଚସ୍ପତି ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ତାଙ୍କ ବିବୃତ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁଁ କଂଗ୍ରେସ ଓ ବିଜେପି ବିଧାୟକମାନେ ବାଚସ୍ପତିଙ୍କ ମଞ୍ଚ ତଳେ ଠିଆହୋଇ ବିଭିନ୍ନ ଧ୍ୱନି ଦେଇଥିଲେ। ଗୃହ ଚାଲିବା ସମ୍ଭବ ହୋଇନଥିଲା। ୧୨.୧୭ରେ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଏହାପରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ଗୃହକୁ ପୁଣି ୩.୪୫ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଅପରାହ୍ନରେ ମଧ୍ୟ ଗୃହକାର୍ଯ୍ୟ ଚାଲିବା ସମ୍ଭବ ହୋଇନଥିଲା।

## ନିରୋଳା ଚାଷରୁ ଓଡିଶା ଚାଷୀ ପରିବାରର

# ମାସିକ ହାରାହାରି ଆୟ ୧୪୦୭ ଟଙ୍କା

ଭୁବନେଶ୍ୱର, ୧୪।୧୨(ଶ୍ରୁମି) : ନିରୋଳା ଚାଷରୁ ଓଡ଼ିଶାରେ ଚାଷୀ ପରିବାରଙ୍କ ମାସିକ ହାରାହାରି ଆୟ ମାତ୍ର ୧୪୦୭ ଟଙ୍କା। ଅନ୍ୟାନ୍ୟ ରୋଜଗାରକୁ ମିଶାଇଲେ ଆମ ରାଜ୍ୟର ଚାଷୀ ପରିବାରଙ୍କ ମାସିକ ହାରାହାରି ଆୟ ୪୯୭୬ ଟଙ୍କା। ଜାତୀୟ ନମୁନା ସର୍ବେକ୍ଷଣ ୭୦ତମ ପରିକ୍ରମାର ଆକଳନ ଆଧାରରେ ଏହି ତଥ୍ୟ ପ୍ରଦାନ କରିଛନ୍ତି ଯୋଜନା ଓ ସଂଯୋଜନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ। ବିଧାନସଭାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ ନିରୋଳା ଚାଷରୁ ପ୍ରତି ଚାଷୀ ପରିବାରର ମାସିକ ହାରାହାରି ଆୟ ପଞ୍ଜାବରେ ୧୦,୮୬୨ ଟଙ୍କା ଥିବା ବେଳେ ଏହା ହରିଆନାରେ ୭,୮୬୭, ମହାରାଷ୍ଟରେ ୩,୮୫୬, କେରଳରେ ୩,୫୩୧, ରାଜସ୍ଥାନରେ ୩,୧୩୮ ଓ ଗୁଜରାଟରେ ୨,୯୩୩ ଟଙ୍କା ରହିଛି। ସର୍ବଭାରତୀୟ ସ୍ତରରେ ନିରୋଳା ଚାଷରୁ ଚାଷୀ ପରିବାରର ମାସିକ ହାରାହାରି ଆୟ ୩,୦୮୧ ଟଙ୍କା ଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ଢେର୍ ପଛରେ ପଡ଼ିଛି। ନିରୋଳା ଚାଷ ସମେତ ଅନ୍ୟାନ୍ୟ ସୂତ୍ରରୁ ପ୍ରତି ଚାଷୀ ପରିବାରର ମାସିକ ହାରାହାରି ଆୟ ପଞ୍ଜାବରେ ୧୮,୦୫୯ ଟଙ୍କା ଥିବା ବେଳେ ଏହାର ପରିମାଣ ହରିଆନାରେ ୧୪,୪୩୪, କେରଳରେ ୧୧,୮୮୮, ଗୁଜରାଟରେ ୭,୯୨୬, ମହାରାଷ୍ଟ୍ରରେ ୭,୩୮୬, ରାଜସ୍ଥାନରେ ୭,୩୫୦ ଓ ତାମିଲନାଡୁରେ ୬,୯୮୦ ଟଙ୍କା ରହିଛି। ସର୍ବଭାରତୀୟ ସ୍ତରରେ ଏହି ପରିମାଣ ୬,୪୨୬ ଟଙ୍କା ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ସ୍ୱୀକାର କରିଛନ୍ତି। କୃଷି ଭିତ୍ତିକ ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାରେ ଚାଷୀ ପରିବାରର ମାସିକ ହାରାହାରି ଆୟ ଯେପରି ୧୫ହଜାର ଟଙ୍କାରୁ ଅଧିକ ହୋଇପାରିବ ସେ ଦିଗରେ ବାସ୍ତବାଭିମୁଖୀ ଯୋଜନା ରୂପାୟନ କଲେ ଓଡ଼ିଶା ଦେଶର ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି କୁହାଯାଉଛି । ଓଡ଼ିଶାର ଅର୍ଥନୀତି କୃଷିଭିତ୍ତିକ ହୋଇଥିବା ବେଳେ ରାଜ୍ୟରେ କୃଷକ ପରିବାରଙ୍କ ହାରାହାରି ଆୟ ଉଦ୍‌ବେଜନକ ସ୍ଥିତିରେ ଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଏ ପ୍ରସଙ୍ଗରେ ଚିନ୍ତା କରିବା ଦରକାର ବୋଲି ମତପ୍ରକାଶ ପାଉଛି ।

# ଓଡିଶାର ୧୫ଟି ସାମଗ୍ରୀକୁ ଜିଆଇ ମାନ୍ୟତା ମିଳିଛି

## ରସଗୋଲା ପାଇଁ ସରକାର ତଥ୍ୟ ପ୍ରମାଣ ସଂଗ୍ରହ କରୁଛନ୍ତି

ଭୁବନେଶ୍ୱର, ୧୪।୧୨(ଶ୍ରୁମି) : ଓଡ଼ିଶାରେ ଉତ୍ପାଦିତ ୧୫ଟି ସାମଗ୍ରୀକୁ ଏଯାବତ୍ ଜିଆଇ ମାନ୍ୟତା ମିଳିଛି। ୨୦୧୫ରୁ ପଶ୍ଚିମବଙ୍ଗ ରସଗୋଲା ପାଇଁ ଆବେଦନ କରି ଗତ ନଭେମ୍ବର ୧୪ ତାରିଖରେ ଜିଆଇ ମାନ୍ୟତା ହାସଲ କରିଥିବା ବେଳେ ଓଡ଼ିଶା ରସଗୋଲା ଲାଗି ଜିଆଇ ମାନ୍ୟତା ପାଇଁ ଆବେଦନ କରିବାକୁ ତଥ୍ୟ ପ୍ରମାଣ ସଂଗ୍ରହ କରୁଛି। ଏହି ସୂଚନା ଦେଇଛନ୍ତି ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର।

ସରକାରଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୫ଟି ବୟନଶିଳ୍ପ ଓ ହସ୍ତତନ୍ତ, ୮ଟି ହସ୍ତଶିଳ୍ପ ଏବଂ ୨ଟି କୃଷିଜାତ ସାମଗ୍ରୀ ଲାଗି ୨୦୦୫-୦୬ରୁ ୨୦୧୩-୧୪ ମଧ୍ୟରେ ଓଡ଼ିଶା ଜିଆଇ ମାନ୍ୟତା ହାସଲ କରିଛି। ସର୍ବପ୍ରଥମ କୋଟପାଡ଼ର ହ୍ୟାଣ୍ଡଲୁମ୍ ଫ୍ୟାବ୍ରିକ୍ ଓ ଓଡ଼ିଶା ଇକତ୍ ଶାଢ଼ୀ ୨୦୦୫-୦୬ ବର୍ଷରେ ଜିଆଇ ମାନ୍ୟତା ହାସଲ କରିଥିଲା। ଓଡ଼ିଶାର ଖଣ୍ଡୁଆ, ଗୋପାଳପୁରର ଟସର୍ କପଡ଼ା ଓ ପଟ୍ଟଚିତ୍ର ଖୋଦିତ ଲୁଗାକୁ ମଧ୍ୟ ଏହି ମାନ୍ୟତା ମିଳିଛି। କୋଣାର୍କର ପଥର ଖୋଦେଇ କାମ, ଓଡ଼ିଶା ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ, ଧଳାପଥରର ପରଦା, ସମ୍ବଲପୁର ବାନ୍ଧଶାଢ଼ୀ, ବମ୍‌କେଇ ଶାଢ଼ୀ, ହବସ୍‌ପୁର ଶାଢ଼ୀ, ବ୍ରହ୍ମପୁରର ପାଟଶାଢ଼ୀ ଓ ଯୋଡ଼, ଗଞ୍ଜାମର କେତକୀ ଫୁଲ ଆଦି ଜିଆଇ ମାନ୍ୟତା ହାସଲ କରିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ ବାଂଲାର ରସଗୋଲାର ଜିଆଇ ମାନ୍ୟତା ପାଇଁ ପଶ୍ଚିମବଙ୍ଗ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଓ ଉଦ୍ୟାନ କୃଷି ଉନ୍ନୟନ ନିଗମ ୧୮.୦୯.୨୦୧୫ରେ ଆବେଦନ କରି ୧୪.୧୧.୨୦୧୭ରେ ଏହା ହାସଲ କରିଛନ୍ତି। ଓଡ଼ିଶା ରସଗୋଲାର ଜିଆଇ ମାନ୍ୟତା ପାଇଁ ଓଡ଼ିଶା ସରକାର ଆବେଦନ କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସମ୍ପୃକ୍ତ ସଂଗଠନମାନଙ୍କ ସହିତ ବିଚାର ବିମର୍ଶ କରି ତଥ୍ୟ ପ୍ରମାଣ ସଂଗ୍ରହ କରୁଛନ୍ତି। ମହାରାଷ୍ଟ୍ରର ହଳଦୀକୁ ଜିଆଇ ମାନ୍ୟତା ମିଳି ସାରିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

# ତେଲ ଚୋରୀ ସମୟରେ ଓଲଟି ପଡିଲା ଟ୍ୟାଙ୍କର



ବାଲେଶ୍ୱର, ୧୪/୧୨(ଶ୍ରୁମି): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧିନସ୍ଥ ହଳଦିଆପଡ଼ା ବାଇପାସ୍ ନିକଟରେ ଏକ ତେଲ ଟ୍ୟାଙ୍କର ଓଲଟିପଡ଼ିଛି। ହଳଦିଆ-ପାରାଦୀପ ପାଇପ୍ ଲାଇନ୍‌ରୁ ଟ୍ୟାଙ୍କରର ଡ୍ରାଇଭର ଓ ହେଲପର ତେଲ ଚୋରି କରୁଥିବାବେଳେ ଏହି ଅଘଟଣ ଘଟିଛି। ପିବି-୧୧ସିଏଫ୬୪୫୫ ନମ୍ବର ବିଶିଷ୍ଟ ପଞ୍ଜାବର ଏହି ତେଲ ଟ୍ୟାଙ୍କରଟି ରାସ୍ତାକଡ଼କୁ ଓଲଟିପଡ଼ିଥିଲା। ଏହାପରେ ତେଲ ଚୋରି କରୁଥିବା ଡ୍ରାଇଭର ଓ ହେଲ୍‌ପର ଭୟରେ ସେହି ସ୍ଥାନଛାଡ଼ି ପଳାଇଥିଲେ। ଏବେ ସେହି ସ୍ଥାନରେ ତେଲ ଭାସୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରାଜ୍ୟରେ ୭,୩୩୨ ଅପହଞ୍ଚ ଗାଁ

## ରାସ୍ତା ନଥିବାରୁ ଲୋକେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ

ଭୁବନେଶ୍ୱର, ୧୪।୧୨(ଶ୍ରୁମି): ଓଡ଼ିଶାରେ ଏବେ ବି ୭,୩୩୨ ଗାଁକୁ ଠିକଣା ସଡ଼କ ଯୋଗାଯୋଗ ନ ଥିବାରୁ ସେଠାରୁ ରୋଗୀଙ୍କୁ ଆଣିବା ଲାଗି ଆମ୍ବୁଲାନ୍ସ ଯାଇପାରୁନାହିଁ। ତେଣୁ ଏଠାରୁ ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନାରେ ପ୍ରସବ ପାଇଁ ଆଣିବା ଲାଗି ଜଣ ପିଛା ହଜାରେ ଟଙ୍କା କରି ଆର୍ଥିକ ସହାୟତାର ବ୍ୟବସ୍ଥା ହୋଇଛି। ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଦେଇଥିବା ତଥ୍ୟରୁ ଏହି ଚିତ୍ର ଜଣାପଡ଼ିଛି।ଶିଶୁ ଓ ମାତୃ ମୃତ୍ୟୁର ପୂର୍ଣ୍ଣ ନିରାକରଣ ଅଭିଯାନ 'ସମ୍ପୂର୍ଣ୍ଣା' ଯୋଜନା କେବେଠାରୁ ଆରମ୍ଭ ହୋଇଛି ଓ ଏହି ଯୋଜାନାରେ ଚଳିତବର୍ଷ ରାଜ୍ୟର କେତୋଟି ଗାଁକୁ ଅପହଞ୍ଚ ଇଲାକା ଭାବେ ଚିହ୍ନଟ କରାଯାଇଛି ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ ସହିତ ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ଯାଇପାରୁନଥିବାରୁ ସେଠାରୁ ଗର୍ଭବତୀ ମହିଳା, ଶିଶୁ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡାକ୍ତରଖାନା ଆଣିବା ପାଇଁ କ'ଣ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ ବିଧାୟକ ଶ୍ରୀ ରାୟ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ସମ୍ପୂର୍ଣ୍ଣା ଯୋଜନାରେ ଚଳିତବର୍ଷ ରାଜ୍ୟରେ ୭,୩୩୨ଟି ଗାଁକୁ ଅପହଞ୍ଚ ଇଲାକା ଭାବେ ଚିହ୍ନଟ କରାଯାଇଛି। ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ଯାଇପାରୁନଥିବାରୁ ସେଠାରୁ ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନା ପର୍ଯ୍ୟନ୍ତ ଆସିବା ପାଇଁ ହଜାରେ ଟଙ୍କା କରି ଆର୍ଥିକ ସହାୟତାର ବ୍ୟବସ୍ଥା ହୋଇଛି। ଏମାନଙ୍କୁ ସୁରକ୍ଷିତ ଭାବେ ଷ୍ଟ୍ରେଚର୍‌ରେ ଆଣିବା ଲାଗି ଗାଁ କଲ୍ୟାଣ ସମିତିକୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସମିତି ପାଣ୍ଠିରୁ ହଜାରେ ଟଙ୍କା ଅଗ୍ରୀମ ଦେବାର ବ୍ୟବସ୍ଥା ଅଛି। ଅପହଞ୍ଚ ଗ୍ରାମରୁ ଗର୍ଭବତୀ ମା'ମାନଙ୍କୁ ଡାକ୍ତରଖାନା ଆଣିବା ଲାଗି ବାଇକ୍ ଆମ୍ବୁଲାନ୍ସ ବ୍ୟବସ୍ଥା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ଶିଶୁ ଓ ମାତୃ ମୃତ୍ୟୁର ପୂର୍ଣ୍ଣ ନିରାକରଣ ପାଇଁ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣା ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୪୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚିହ୍ନଟ କରାଯାଇଥିବା ୭,୩୩୨ଟି ଅପହଞ୍ଚ ଗାଁ ମଧ୍ୟରୁ କୋରାପୁଟ ଜିଲ୍ଲାରେ ସର୍ବାଧିକ ୯୯୮ଟି ଗାଁ ଥିବା ବେଳେ ଝାରସୁଗୁଡ଼ାରେ ଜିଲ୍ଲାରେ ରହିଛି ସର୍ବନିମ୍ନ ୪ଟି ଗାଁ। କନ୍ଧମାଳ ଜିଲ୍ଲାରେ ୯୧୪ଟି ଅପହଞ୍ଚ ଗାଁ ଥିବା ବେଳେ ରାୟଗଡ଼ା ଜିଲ୍ଲାରେ ୮୧୭, କଳାହାଣ୍ଡିରେ ୫୩୫, ଗଜପତିରେ ୫୮୩, ମାଲକାନଗିରିରେ ୫୬୧ଟି, ଗଞ୍ଜାମରେ ୪୮୩ଟି ଅପହଞ୍ଚ ଗାଁ ରହିଛି। ନୟାଗଡ଼, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲ୍ଲାରେ ୩ଶହରୁ ଅଧିକ କରି ଅପହଞ୍ଚ ଗାଁ ଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ୨୧୦ଟି ଅପହଞ୍ଚ□ ଗାଁ ରହିଛି। ନୂଆପଡ଼ା, କେନ୍ଦୁଝର,ବୌଦ୍ଧ, ବାଲେଶ୍ୱର ଆଦି ଜିଲ୍ଲାରେ ବି ଶତାଧିକ କରି ଅପହଞ୍ଚ ଗାଁ ଅଛି। ଏମିତିକି ରାଜ୍ୟର ରାଜଧାନୀ ଥିବା ଖୋର୍ଦ୍ଧା ଜିଲ୍ଲାରେ ୧୧ଟି ଅପହଞ୍ଚ ଗାଁ ଥିବା ବେଳେ କଟକ ଜିଲ୍ଲାରେ ଏହି ସଂଖ୍ୟା ୨୪। ଆଉ ଯେଉଁସବୁ ଜିଲ୍ଲାରେ ଶହେରୁ କମ୍ କରି ଅପହଞ୍ଚ ଗାଁ ଅଛି ସେଗୁଡ଼ିକ ହେଲା- ବରଗଡ଼, ଅନୁଗୁଳ, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ସମ୍ବଲପୁର ଓ ସୋନପୁର।

## ନୀତିଶ୍ଳୋକ

**ମୟା ପ୍ରସନ୍ନେନ ତବାର୍ଜୁନନେଦଂ ରୂପଂ ପରଂ ଦର୍ଶିତମାତ୍ମ ଯୋଗାତ୍ ।
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ॥**

**ଶ୍ରୀ ଭଗବାନ କହିଲେ- ହେ ଅର୍ଜୁନ ! ମୁଁ ପ୍ରସନ୍ନ ହୋଇ ନିଜର ସାମର୍ଥ୍ୟ ଦ୍ୱାରା ମୋର ଏହି ଅତ୍ୟନ୍ତ ଶ୍ରେଷ୍ଠ, ତେଜୋମୟ, ସମସ୍ତଙ୍କର ଆଦି ଓ ଅନନ୍ତ ବିଶ୍ୱରୂପ ତୁମକୁ ଦେଖାଇଲି । ତୁମ ବ୍ୟତୀତ ଏହାକୁ ପୂର୍ବରୁ କେହି ଦେଖି ନ ଥିଲେ ।**

# ଖଣି ଚିନ୍ତା

ସୁପ୍ରିମ୍‌କୋର୍ଟ ଓଡ଼ିଶାର ଖଣି ଲିଜ୍‌ଧାରୀମାନଙ୍କ ପ୍ରତି ଶକ୍ତ ଆଭିମୁଖ୍ୟ ଗ୍ରହଣ କରି ସେମାନଙ୍କୁ ଆସନ୍ତା ୩୧ ତାରିଖ ସୁଦ୍ଧା ଜୋରିମାନା ଦେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ନଦେଲେ ଖଣି ଉତ୍ତୋଳନ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଅଦାଲତ କହିଛନ୍ତି । ୨୦୦୦-୨୦୦୧ଆର୍ଥିକ ବର୍ଷରୁ ବିଭିନ୍ନ ଅନିୟମିତତା କରି ଖଣିଜ ଉତ୍ତୋଳନ କରିଥିବା ଖଣି ଲିଜ୍‌ଧାରୀମାନଙ୍କ ବିରୁଦ୍ଧରେ ଜଷ୍ଟିସ୍ ଏମ୍.ବି. ଶାହା କମିଶନ ଓ ପରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ସିଇସି ଅନୁଧ୍ୟାନ କରିଥିଲେ । ଏମ୍‌ବିଶାହା କମିଶନ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ବିରୁଦ୍ଧରେ ୫୯ ୦୦୦ କୋଟି ଟଙ୍କା ଜୋରିମାନା ଆଦାୟ କରିବାକୁ ସୁପାରିଶ କରିଥିଲେ । ତେବେ ସିଇସି ପ୍ରକୃତ କ୍ଷତିକୁ ଆକଳନ କରି ଏହି ଜୋରିମାନା ରାଶି ୬୧ ହଜାର କୋଟି ଟଙ୍କା ବୋଲି ଅଦାଲତଙ୍କୁ ଦର୍ଶାଇଥିଲେ । ତେଣୁ ଅଦାଲତ ଗତ ଅଗଷ୍ଟ ୨ ତାରିଖରେ ଖଣି ଲିଜ୍‌ଧାରୀଙ୍କୁ ଶତ ପ୍ରତିଶତ କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ବିଭିନ୍ନ ଆଳ ଦେଖାଇ ଲିଜ୍‌ଧାରୀମାନେ ଶତ ପ୍ରତିଶତ ଜୋରିମାନା ଦେବାକୁ ନିଜର ଅସମର୍ଥତା ବ୍ୟକ୍ତ କରିଥିଲେ । କିନ୍ତୁ ଆଜି ଅଦାଲତ ଗ୍ରହଣ କରିବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି ।

ବଡ଼ବିଲ, ଯୋଡ଼ା, କୋଇଡ଼ା ସେକ୍ଟରରେ ସୁକିନ୍ଦା କ୍ରୋମଜୋନରେ ଖଣି ଦୁର୍ନୀତି ବିଷୟ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି । ଏ ସଂପର୍କରେ ସୁପ୍ରିମ୍‌କୋର୍ଟରେ ଅଭିଯୋଗ ହେଲା ପରେ ଦେଶର ଅନ୍ୟାନ୍ୟ ରାଜ୍ୟ ଏବଂ ଓଡ଼ିଶାର ଖଣି ଦୁର୍ନୀତିକୁ ଶାହା କମିଶନ ଆସି ତଦନ୍ତ କରି ୫୬ଟି ଖଣି ମଧ୍ୟରୁ ୨୬ଟି ଖଣିରେ ବେଆଇନ୍ ଖନନ ସଂପର୍କରେ ରିପୋର୍ଟ ଦେବା ପରେ ସୁପ୍ରିମ୍‌କୋର୍ଟ ୨୬ଟିକୁ ବନ୍ଦ କରିବା ପାଇଁ ଆଦେଶ ଦେଲେ ।

ରାଜ୍ୟ ସରକାର ୨୦୦୦ରୁ ୨୦୧୦ ମଧ୍ୟରେ ଅନୁମତି ପ୍ରଦାନ କରାଯାଇଥିବା ପରିମାଣଠାରୁ ଅଧିକ ଖଣିଜପଦାର୍ଥ ଖନନ କରିଥିବା ଶତାଧିକ ଖଣି ପଟାଧାରମାନଙ୍କ ଉପରେ ୬୫ହଜାର ୫ଶହ କୋଟି ଟଙ୍କା ଜୋରିମାନା କରିଥିଲେ । ଖଣିମାଲିକମାନେ ଏବେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ।

ଖଣିଜ ପଦାର୍ଥକୁ ପ୍ରକୃତି ଗର୍ଭରେ କେବଳ ସାଇତି ରଖିବାର ଯୁଗ ସରିଯାଇଛି । ସେହିଭଳି ଏହାର ମନଇଚ୍ଛା ବ୍ୟବହାର ଓ ଦୁରୁପଯୋଗର ଦିନ ମଧ୍ୟ ଆଉ ନାହିଁ । ରାଷ୍ଟ୍ର ଏବଂ ନାଗରିକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରାକୃତିକ ସଂପଦର ଯଥାର୍ଥ ଉପଯୋଗ ଅପରିହାର୍ଯ୍ୟ ହୋଇଛି । ସମଗ୍ର ବିଶ୍ୱରେ ବଜାରବିପ୍ଳବ ଦ୍ରୁତଗତିରେ ବଢ଼ି ଚାଲିଛି ।

ଇସ୍ପାତଶିଳ୍ପରେ ପୁଞ୍ଜି ଓ କଞ୍ଚାମାଲ ଆବଶ୍ୟକ । ଶିଳ୍ପପତିମାନେ ପୁଞ୍ଜିସଂଗ୍ରହ କରି ପାରୁଛନ୍ତି, କିନ୍ତୁ ଶସ୍ତାରେ କଞ୍ଚାମାଲ ଖୋଜୁଛନ୍ତି- ପାଉନାହାନ୍ତି ଯାହାକି ପ୍ରଚୁରଲାଭର ମୋହ ଛାଡ଼ି ପାରୁନାହାନ୍ତି ଏଣେ ସରକାରୀ କଳକୁ ହାତକରି ଖଣି ଆପଣେଇବା ପାଇଁ ଲାଗିପଡ଼ିଛନ୍ତି । ଅତିକମ୍‌ରେ ୧ ମିଲିଅନ ଟନ୍ ଇସ୍ପାତ ଉତ୍ପାଦନ ପାଇଁ ୫ହଜାରରୁ ୬ହଜାର କୋଟିଟଙ୍କା ଆବଶ୍ୟକ । ପୁଣି ଗୋଟିଏ ଟନ ଇସ୍ପାତ ପ୍ରସ୍ତୁତ ପାଇଁ ୩ରୁ ସାଢ଼େ ୩ଟନ୍ କଞ୍ଚାମାଲ ଆବଶ୍ୟକ । ଇସ୍ପାତ କମ୍ପାନୀମାନେ ଲାଭ ଉଦ୍ଦେଶ୍ୟରେ ହିଁ କାରଖାନା କରିଥାନ୍ତି । ଯେଉଁଠି ଲାଭନାହିଁ ସେମାନେ ପଛଘୁଞ୍ଚା ଦିଅନ୍ତି । ଦେଶର ସ୍ୱାର୍ଥପାଇଁ ଇସ୍ପାତ ପ୍ରୟୋଜନ- ଏ ଧାରଣା କୌଣସି ଶିଳ୍ପପତି ରଖିନାହାନ୍ତି । ଇସ୍ପାତ ଚାହିଦା ବୃଦ୍ଧିଯୋଗୁଁ ଆମ ଦେଶର ଓଡ଼ିଶା, ଝାଡ଼ଖଣ୍ଡ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ ଷ୍ଟିଲପ୍ଲାଣ୍ଟ ପାଇଁ ବିଭିନ୍ନ ଦେଶୀବିଦେଶୀ କମ୍ପାନୀ ବୁଝାମଣା କରିଛନ୍ତି । କିନ୍ତୁ ପରିବେଶ ଓ ଜଙ୍ଗଲ, ବିଭାଗର ଅଙ୍କୁଶ, ଜମି ଅଧିଗ୍ରହଣ, ଖଣିଲିଜ୍ ଆଦି ପ୍ରସଙ୍ଗରେ ଖୁବ୍ ସହଜରେ ସରକାର ସହଯୋଗ ଦେବାପାଇଁ ପ୍ରତିଶ୍ରୁତି ଦେଲେ ମଧ ଜନଗଣଙ୍କ ପ୍ରବଳ ବିରୋଧ ଯୋଗୁଁ ବହୁ ପ୍ରକଳ୍ପ ବିଳମ୍ବ ହେଉଛି । କର୍ଣ୍ଣାଟକ, ଗୋଆ ଏବଂ ଓଡ଼ିଶାରେ ନାହିଁ ନଥିବା ଖଣିଚୋରି ଯୋଗୁଁ ବହୁ ଖଣିକୁ ବନ୍ଦ କରିଦିଆଯାଇଛି । ଦେଶର ପ୍ରାକୃତିକ ସଂପଦକୁ ଖୋଲାଖୋଲି ଭାବେ ଅସାଧୁକର୍ମଚାରୀ, ରାଜନେତା, ଶିଳ୍ପପତି, ମାଫିଆ ଗୋଷ୍ଠୀ ଲୁଟକରି ବ୍ୟକ୍ତିଗତ ସଂପତ୍ତିକୁ ଆକାଶଛୁଆଁ ଅବସ୍ଥାରେ ପହଞ୍ଚାଇ ଦେଇଛନ୍ତି ।

***ଖଣି ନିୟନ୍ତ୍ରଣ ଶାସନର ବିଫଳତା ଯୋଗୁଁ ଅନେକ ସମୟରେ ବିଚାର ବିଭାଗ, ବିଶେଷକରି ଉଚ୍ଚନ୍ୟାୟାଳୟମାନେ ସକ୍ରିୟ ହୋଇ ବେନିୟମ ଖଣିଜ ସମ୍ପଦ ଉତ୍ତୋଳନ ବିରୋଧରେ ପଦକ୍ଷେପ ନେଇ ଥାଆନ୍ତି । ଯାହା ହେଲେ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଶାସନ କରିବା ବା ଅର୍ଥନୈତିକ କ୍ଷେତ୍ରରେ ଉପଯୁକ୍ତ ନିଷ୍ପତ୍ତି ନେବା ନ୍ୟାୟାଧୀଶମାନଙ୍କର କାର୍ଯ୍ୟ ପରିସର ଭିତରେ ଆସେ ନାହିଁ । ତେଣୁ ଅନେକ ସମୟରେ ନ୍ୟାୟାଳୟମାନଙ୍କରେ ଆଦେଶ ନିଷେଧାତ୍ମକ ବା ନାସ୍ତିସୂଚକ ରୂପ ନେଇଥାଏ । ଏହାଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବାର ସମ୍ଭାବନା ଥାଏ ।***

ଏମାନଙ୍କ ବିରୋଧରେ ରାଜ୍ୟ କି କେନ୍ଦ୍ରସରକାର କୌଣସି ଦଣ୍ଡବ୍ୟବସ୍ଥା କରିପାରୁନାହାନ୍ତି । କାରଣ ସରକାରୀକଳ ଏହି ବେଆଇନ କାରବାରରେ ଲିପ୍ତ ଅଛନ୍ତି । ଯଦି ସବୁ ଖଣି ଚୋରଙ୍କ ସମ୍ପତ୍ତିକୁ ବ୍ୟାଜ୍ୟାପ୍ତ କରି ରାଜକୋଷକୁ ଅଣାଯାଆନ୍ତା ତା'ହେଲେ ଆଖିଦୃଶିଆ ଦଣ୍ଡ ପାଇଁ 'ବିରିମାଢ଼ ଦେଖି କୋଳଥ ଚେପା' ହୋଇଯାଆନ୍ତେ । ଖଣିବନ୍ଦ ଯୋଗୁଁ ଇସ୍ପାତଶିଳ୍ପ ସଙ୍କଟରେ ପଡ଼ିଯାଇଛି । କଞ୍ଚାମାଲ ଅଭାବରୁ ଇସ୍ପାତଜଡ଼ିତ ବହୁ ଛୋଟବଡ଼ ପ୍ଲାଣ୍ଟରେ ଧୂଆଁ ବାହାରୁନି ।

ଏଭଳି ସମୟରେ ଖଣି ଦୁର୍ନୀତି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଖଣି ଦୁର୍ନୀତି ପାଇଁ କିଏ ଦାୟୀ ? ଖଣି ଲିଜ ଧାରୀ ନିଜକୁ ଖଣି ମାଲିକ ଭାବି ନେଲେ । ତେଣୁ ମନ ଇଚ୍ଛା କାର୍ଯ୍ୟ କଲେ । ଯଦିଓ ସେମାନେ କେବଳ ଆଇନର ଗଣ୍ଡି ଭିତରେ ରହି ଖଣିଜ ଉତ୍ତୋଳନ କରିବା କଥା । କିନ୍ତୁ ସେମାନେ ତାହା ଭୁଲି ଗଲେ । ନିଜକୁ ମାଲିକ ଭାବି ବ୍ୟାପକ ଅନିୟମିତା କଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଖଣି, ଜଙ୍ଗଲ, ପରିବେଶ ଇତ୍ୟାଦି ବିଭାଗର କର୍ମଚାରୀ ବୃନ୍ଦ ଖଣି ଖନନ କାର୍ଯ୍ୟ ତଦାରଖ କରୁଥିଲେ ମଧ୍ୟ ଶାସନଗତ ଦୁର୍ବଳତା, ଆନ୍ତରିକତାର ଅଭାବ ଓ ଦୁର୍ନୀତି ଯୋଗୁଁ ଏହି ବେନିୟମ କାର୍ଯ୍ୟ ବିରୋଧରେ ଉଚିତ ସମୟରେ ପଦକ୍ଷେପ ନିଆହୁଏ ନାହିଁ । ଏହିସବୁ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଓ ଜନମତକୁ ଶାନ୍ତ (ବା ବିଭ୍ରାନ୍ତ) କରିବା ପାଇଁ ଶାସନ କଳ ମଝିରେମଝିରେ ଖଣିମାଲିକ ଓ କେତେକ ସରକାରୀ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ଚଢଉ କରନ୍ତି ବା ଏନ୍‌କ୍ୱାରୀ କମିସନ ବସାନ୍ତି । ଏସବୁ ପଦକ୍ଷେପର ଅନ୍ତିମ ଫଳାଫଳ କ'ଣ ହୁଏ ତାହା କେବଳ ଭଗବାନଙ୍କୁ ଜଣା ।

ଖଣି ନିୟନ୍ତ୍ରଣ ଶାସନର ବିଫଳତା ଯୋଗୁଁ ଅନେକ ସମୟରେ ବିଚାର ବିଭାଗ, ବିଶେଷକରି ଉଚ୍ଚନ୍ୟାୟାଳୟମାନେ ସକ୍ରିୟ ହୋଇ ବେନିୟମ ଖଣିଜ ସମ୍ପଦ ଉତ୍ତୋଳନ ବିରୋଧରେ ପଦକ୍ଷେପ ନେଇ ଥାଆନ୍ତି । ଯାହା ହେଲେ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଶାସନ କରିବା ବା ଅର୍ଥନୈତିକ କ୍ଷେତ୍ରରେ ଉପଯୁକ୍ତ ନିଷ୍ପତ୍ତି ନେବା ନ୍ୟାୟାଧୀଶମାନଙ୍କର କାର୍ଯ୍ୟ ପରିସର ଭିତରେ ଆସେ ନାହିଁ । ତେଣୁ ଅନେକ ସମୟରେ ନ୍ୟାୟାଳୟମାନଙ୍କରେ ଆଦେଶ ନିଷେଧାତ୍ମକ ବା ନାସ୍ତିସୂଚକ ରୂପ ନେଇଥାଏ । ଏହାଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବାର ସମ୍ଭାବନା ଥାଏ ।

ଏହିସବୁ ଦୃଷ୍ଟିରୁ ଖଣିଜ ଉତ୍ତୋଳନ କାର୍ଯ୍ୟକଳାପର ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନରେ ସରକାରୀ ଶାସନ ବ୍ୟବସ୍ଥା ସାଙ୍ଗକୁ ନାଗରିକ ସମାଜ, ବିଶେଷକରି ସ୍ଥାନୀୟ ବାସିନ୍ଦାମାନଙ୍କର ସକ୍ରିୟ ଅଂଶଗ୍ରହଣ କରିବା ଆବଶ୍ୟକ । ଗୋଟିଏ ଦୃଷ୍ଟିରୁ ଏହା ସରକାରୀ କର୍ମଚାରୀମାନଙ୍କର ସମୀକ୍ଷାରୁ ଅଧିକ ଫଳପ୍ରଦ ହେବ ଯେହେତୁ ଏହି କର୍ମଚାରୀମାନଙ୍କର ଖଣିମାଲିକଙ୍କ ସହ ମିଳିମିଶି କୁଚକ୍ରାନ୍ତ କରିବାର ସମ୍ଭାବନା ଥାଏ । ଅପରପକ୍ଷରେ ସ୍ଥାନୀୟ ଲୋକମାନେ ସଂଘବଦ୍ଧ ଭାବରେ ଓ ସେମାନଙ୍କ ଅଞ୍ଚଳର ବେସରକାରୀ ସଂସ୍ଥାମାନଙ୍କ ସାହାଯ୍ୟରେ ଖଣି ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପ ପରୀକ୍ଷା କରି ସେମାନଙ୍କର ମତାମତ ଦେବେ । ସମୟ ସମୟରେ ଆନ୍ଦୋଳନ, କୋର୍ଟରେ ମକଦ୍ଦମା ବା ଖବର କାଗଜ ଓ ଟିଭିରେ ଅନାବୃତ କରି ସେମାନଙ୍କ ଉପରେ ଚାପ ପକାଇ ଆଇନ ଅନୁସାରେ ଓ ସ୍ଥାନୀୟ ଲୋକଙ୍କର ହିତ ପାଇଁ କାର୍ଯ୍ୟ କରିବାକୁ ସେମାନଙ୍କୁ ବାଧ୍ୟ କରିପାରିବେ । କାନାଡ଼ା, ପାପୁଆ ନିଉଗିନି ଆଦି ଦେଶର ଖଣି ଅଞ୍ଚଳରେ ଏତାଦୃଶ ବ୍ୟବସ୍ଥା ବେଶ ଫଳପ୍ରଦ ହୋଇଛି । ଏହାର ଅର୍ଥ ହେଲା ଯେ ଯଦି ଖଣିମାଲିକ ବା କମ୍ପାନୀ ସ୍ଥାନୀୟ ଲୋକଙ୍କର ବିଶ୍ୱାସଭାଜନ ହୋଇ ପାରିବେନାହିଁ, ତାହାହେଲେ ସେମାନଙ୍କ ପାଖରେ ମାଇନିଂ ଲାଇସେନ୍ସ ବା ଅନ୍ୟାନ୍ୟ ସରକାରୀ ଅନୁମୋଦନ ଥିଲେ ମଧ୍ୟ ସେମାନେ ସେହି ଅଞ୍ଚଳରେ ଖଣିଜ ସମ୍ପଦ ଉତ୍ତୋଳନ କରିବାରେ ଅସମର୍ଥ ହେବେ । ଏହିପରି ବ୍ୟବସ୍ଥା ଦ୍ୱାରା ଖଣିଜ ଦ୍ରବ୍ୟ ଖନନରେ ଅନିୟମିତତାର ପ୍ରତିରୋଧ କରାଯାଇ ପାରିବ ଓ ଖଣିଜ ଶିଳ୍ପ ଦାୟିତ୍ୱପୂର୍ଣ୍ଣ ଭାବରେ ଲୋକଙ୍କର ହିତ ପାଇ କାର୍ଯ୍ୟ କରିବାକୁ ସମର୍ଥ ହେବ ।

# ଭାରତର ଅଧା ଲୋକେ ଲାଞ୍ଚ ଦେଉଛନ୍ତି

## ମହାମେଘବାହନ ଐର ଖାରବେଳ ସ୍ୱାଇଁ

ଭାରତରେ ଲାଞ୍ଚ ଦିଆଯିବାର ସୀମା କେତେ ତାହା ଉପରେ ପ୍ରତିବର୍ଷ ଜର୍ମାନୀର ବର୍ଲିନରେ ଥିବା 'ଟ୍ରାନ୍ସପାରେନ୍ସି ଇଣ୍ଟର ନେସନାଲ' ସଂସ୍ଥା ଯେଉଁ ଅଧ୍ୟୟନ କରି ତଥ୍ୟ ପ୍ରକାଶ କରୁଛି, ସେହି ଅନୁସାରେ ଭାରତର ଅଧାଲୋକ ସେମାନଙ୍କର କାମ କରାଇ ଦେବା ପାଇଁ ଲାଞ୍ଚ ଦେଉଛନ୍ତି ବୋଲି ସ୍ୱୀକାର କରୁଛନ୍ତି ଏବଂ ଏହି ଲାଞ୍ଚ ଦିଆଯାଉଛି ମୁଖ୍ୟତଃ ସ୍ଥାନୀୟ ସ୍ତରରେ ଅର୍ଥାତ୍ ରାଜ୍ୟମାନଙ୍କରେ ଲାଞ୍ଚ ଦିଆଯିବା ଅତି ବ୍ୟାପକ । କେନ୍ଦ୍ର ସ୍ତରରେ ଲାଞ୍ଚ ଦିଆଯିବା ଅପେକ୍ଷାକୃତ କମ୍ । ମୋଟ୍ ଉପରେ କହିବାକୁ ଗଲେ ଯେତେବେଳେ ୫୧% ଲୋକଙ୍କର ଧାରଣା ଯେ, ରାଜ୍ୟସ୍ତରରେ ବିଭିନ୍ନ ଛୋଟଛୋଟ କାମମାନଙ୍କ ପାଇଁ ଲାଞ୍ଚ ଦେବାକୁ ପଡୁଛି । ସେତେବେଳେ ୯% ଲୋକ କହୁଛନ୍ତି କେନ୍ଦ୍ର ସରକାରଙ୍କ କ୍ଷେତ୍ରରେ ସେମାନଙ୍କୁ ଲାଞ୍ଚ ଦେବାକୁ ପଡୁଛି । ଯେଉଁ ଯେଉଁ କେନ୍ଦ୍ର ସରକାରୀ ବିଭାଗମାନଙ୍କୁ ଲାଞ୍ଚ ଦିଆଯାଉଛି, ସେମାନେ ହେଲେ ଭବିଷ୍ୟନିଧି (ପି.ଏଫ୍.) , ଆୟକର, ସେବାକର (ସର୍ଭିସ ଟିକସ), ରେଳବାଇ ଇତ୍ୟାଦି । ମାତ୍ର ୨% କହୁଛନ୍ତି ଯେ, ସେମାନେ ଘରୋଇ କ୍ଷେତ୍ରରେ ଲାଞ୍ଚ ଦେଉଛନ୍ତି । ଭାରତରେ ଏବେ ଘରୋଇ କ୍ଷେତ୍ରମାନଙ୍କର ସଂଖ୍ୟା ବହୁ ଅଧିକ ହୋଇଥିଲା ବେଳେ ସେଠାରେ ଲାଞ୍ଚ କାରବାର ବହୁତ କମ୍ ହେଉଛି । ଏମାନଙ୍କ ବ୍ୟତୀତ ଆଉ ୫% ଅନ୍ୟାନ୍ୟ କ୍ଷେତ୍ରରେ ଲାଞ୍ଚ ଦେଉଛନ୍ତି ଯେମିତିକି ବିଦ୍ୟାଳୟ ପ୍ରବେଶ (ସ୍କୁଲ ଏଡ୍‌ମିଶନ) , ଏନ.ଜି.ଓ, ବିଚାରଳାୟ (ଅଦାଲତ) ଇତ୍ୟାଦି ।



ଭାରତରେ ଯେଉଁ ଲାଞ୍ଚ ଦିଆଯାଉଛି, ତା'ର ୮୪% ହେଉଛି ରାଜ୍ୟସ୍ତରୀୟ, ବିଶେଷ କରି ସ୍ଥାନୀୟ ସ୍ତରରେ ଦୁର୍ନୀତି ଅନେକ ବେଶୀ । ସ୍ଥାନୀୟ ସ୍ତରରେ ଯେଉଁ ସରକାର ବା ସରକାରୀ ଅନୁଷ୍ଠାନମାନ ଅଛନ୍ତି, ସେମାନେ ଅତ୍ୟଧିକ ଦୁର୍ନୀତିଗ୍ରସ୍ତ । ଯେଉଁ ସଂସ୍ଥାମାନେ ଅଧିକ ଦୁର୍ନୀତିଗ୍ରସ୍ତ ସେମାନେ ହେଲେ ପୌରପରିଷଦ ଓ ନଗରପାଳିକା, ପୁଲିସ, ଟିକସ ଆଦାୟ ସଂସ୍ଥା, ବିଜୁଳି ଯୋଗାଣକାରୀ ସଂସ୍ଥା, ସମ୍ପତ୍ତି ପଞ୍ଜିକରଣ (ସବ୍ ରେଜେଷ୍ଟ୍ରି ଅଫିସ), ଟେଣ୍ଡର ଇତ୍ୟାଦି । ଏମାନେ ମୁଖ୍ୟତଃ ସୁବିଧା ଯୋଗାଇ ଦେବା ପାଇଁ ଅନେକ ଲାଞ୍ଚ ନେଇଥାନ୍ତି । ଏହାଛଡା ପୌରପରିଷଦ ଓ ଟିକସ ଦାନ କ୍ଷେତ୍ରରେ ନାଗରିକମାନଙ୍କୁ ଯେତେ ଦେୟ ଦାଖଲ କରିବା କଥା, ତାହା ନକରି ଲାଞ୍ଚ ନେଇ କମ୍ ଦେୟ ଆଦାୟ କରାଯାଇଥାଏ । ବିଜୁଳି ଦେୟ ଆଦାୟବେଳେ ମଧ ସେଇ କଥା । ବିଜୁଳି ସଂଯୋଗ କରିବା ପାଇଁ ଲାଞ୍ଚ ନିଆଯାଏ ଓ ବିଜୁଳି ଦେୟ କମ୍ କରିବା ପାଇଁ ମଧ ଲାଞ୍ଚ ନିଆଯାଇଥାଏ । ସବ୍ ରେଜେଷ୍ଟ୍ରି ଅଫିସ୍‌ରେ ଜମିର ମୂଲ୍ୟକୁ ଇଚ୍ଛାକୃତ ଭାବରେ କମ୍ କରି ଦେଖାଇବା ପାଇଁ ଲାଞ୍ଚ ନିଆଯାଇଥାଏ । ଜମିର ମୂଲ୍ୟକୁ କମ୍ କରି ଦେଖାଇ ଦିଆଗଲେ ରେଜେଷ୍ଟ୍ରି ଦେୟ କମ୍ ଦେବାକୁ ପଡ଼େ । ସେହିପରି ଟେଣ୍ଡର ପକାଇବା ବେଳେ ବା ଟେଣ୍ଡର ଗ୍ରହଣ କରାଗଲାବେଳେ ବ୍ୟାପକ ଲାଞ୍ଚ ନିଆଯାଇଥାଏ । କାହାର ଟେଣ୍ଡର ଗ୍ରହଣ କରାଯିବ (ଏହାର ମୂଲ୍ୟ ସର୍ବାଧିକ ଅବା ସର୍ବନିମ୍ନ ହୋଇନଥିଲେ ମଧ) ତାହା ଅନେକ କ୍ଷେତ୍ରରେ ଲାଞ୍ଚ ଉପରେ ନିର୍ଭର କରିଥାଏ । ଅନେକ କ୍ଷେତ୍ରରେ କେବଳ କେତେ ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅବା ସଂସ୍ଥାମାନଙ୍କୁ ଟେଣ୍ଡର ପକାଇବାକୁ ଅନୁମତି ଦିଆଯାଇଥାଏ । ଅନ୍ୟମାନେ ଟେଣ୍ଡର ପକାଇବାର ସୁଯୋଗ ପାଇନଥାନ୍ତି ।

ଦୁର୍ନୀତି ମୁଖ୍ୟତଃ ସରକାରୀ କ୍ଷେତ୍ରରେ ଘଟିଥାଏ । କାରଣ ସରକାର ହିଁ ହେଉଛନ୍ତି ସବୁଠାରୁ ଅଧିକ ବ୍ୟୟ କରୁଥିବା ସଂସ୍ଥା । ସରକାର ମଧ ହେଉଛି ସବୁଠୁଁ ବଡ ସୁବିଧାଦାତା, ସରକାର ମଧ ସର୍ବାଧିକ ଅନୁଗ୍ରହ ପ୍ରକାଶ କରିଥାନ୍ତି । ସରକାର ଯେଉଁ ଖର୍ଚ୍ଚ କରନ୍ତି ତାହା ନିଜେ ସିଧାସଳଖ ନକରି ବିଭିନ୍ନ ସଂସ୍ଥା ବ୍ୟକ୍ତିଙ୍କ ମାଧ୍ୟମରେ ତାହା କରିଥାନ୍ତି । ଏହି ଖର୍ଚ୍ଚ ହେଲାବେଳେ କାମ କରୁଥିବା ବ୍ୟକ୍ତି ବା ସଂସ୍ଥା ଖର୍ଚ୍ଚ ଅର୍ଥରୁ କିଛିଟା ଲୁଟ୍ କରିଥାନ୍ତି । ଏହି ଲୁଟ୍‌ର ସୁଯୋଗ ଦେଉଥିବା ସହକାରୀ ଅଧିକାରୀମାନଙ୍କୁ ସେଥିପାଇଁ ଲାଞ୍ଚ ଦେବାକୁ ପଡିଥାଏ । ଟ୍ରାନ୍ସପାରେନ୍ସି ଇଣ୍ଟରନେସନାଲ ପକ୍ଷରୁ ଯେଉଁ ସର୍ଭେ କରାଯାଇଛି ସେଥିରେ ୩୭% ଲୋକ କହୁଛନ୍ତି ଯେ, ଦୁର୍ନୀତି ପୂର୍ବାପେକ୍ଷା ଆହୁରି ବଢ଼ିଛି । ମାତ୍ର ୧୪% ଲୋକ କହୁଛନ୍ତି ଯେ, ଦୁର୍ନୀତି ହ୍ରାସ ପାଇଛି । ୪୫% ଲୋକ କହୁଛନ୍ତି, ଅବସ୍ଥା ପୂର୍ବରୁ ଯେତିକି ଥିଲା, ଏବେ ସେତିକି ଅଛି । ଜନସାଧାରଣଙ୍କର ଧାରଣା ଅନୁସାରେ ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ଦୁର୍ନୀତି ବରଂ ବୃଦ୍ଧି ପାଇଛି । ଏହି ଦୁଇଟି ପ୍ରଦେଶରେ ୭୧% ଲୋକ ଦୁର୍ନୀତି ବୃଦ୍ଧି ପାଇବା କଥା କହୁଛନ୍ତି । ମହାରାଷ୍ଟ୍ରର ସ୍ଥିତି ଏ ଦୃଷ୍ଟିରୁ ଅନେକଟା ଭଲ ଅଛି । କାରଣ ଏଠାରେ ଦୁର୍ନୀତି ବୃଦ୍ଧି ପାଇଥିବା କଥା ୧୮%ଲୋକ କହୁଛନ୍ତି । ୬୪% ଲୋକ ସେଠାରେ କହନ୍ତି ଯେ, ଅବସ୍ଥା ପୂର୍ବରୁ ଯେମିତି ଥିଲା, ସେମିତି ରହିଛି । ଦିଲ୍ଲୀରେ ୩୩% ଲୋକ କହନ୍ତି ଯେ, ଦୁର୍ନୀତି ପୂର୍ବରୁ ଯେମିତି ଥିଲା, ସେମିତି ରହିଛି । ସେଠାରେ ୩୮% ଲୋକ କହୁଛନ୍ତି ଯେ, ଦୁର୍ନୀତି ପୂର୍ବରୁ ଯେମିତ ଥିଲା,ସେମିତି ରହିଛି । ତେବେ ସେହି ଦିଲ୍ଲୀରେ ୨୮% କହନ୍ତି ଯେ, ଦୁର୍ନୀତି ପୂର୍ବାପେକ୍ଷା କମିଯାଇଛି । ଅନ୍ୟ କୌଣସି ରାଜ୍ୟରେ ଦୁର୍ନୀତି କମିଛି ବୋଲି ଏତେ ଲୋକ କହନ୍ତି ନାହିଁ । ଏହା ତଳକୁ ଉତ୍ତରପ୍ରଦେଶରେ ୨୧% ଲୋକ ଦୁର୍ନୀତି ହ୍ରାସ ପାଇବା କଥା କହୁଛନ୍ତି । ଯଦିଓ ଦୁର୍ନୀତି କମିନାହିଁ ବରଂ ବଢ଼ିଛି ବୋଲି ଅନେକ ଲୋକ କହୁଥିବାବେଳେ ସେମାନେ କହନ୍ତି ଯେ, ଗତ ୧ ବର୍ଷ ମଧ୍ୟରେ ସେମାନଙ୍କ ରାଜ୍ୟ ସରକାରମାନେ ଦୁର୍ନୀତି ହଟାଇବାକୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।

ଏହା ସତ୍ୟ ଯେ, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୨୦୧୪ରେ ଦିଲ୍ଲୀରେ ଏକ ଏନ.ଡି.ଏ ସରକାର ଗଠିତ ହେବା ପରେ ଉଚ୍ଚସ୍ତରରେ ଦୁର୍ନୀତି ଅନେକଟା କମିଯାଇଛି । ୟୁପିଏ ସରକାର ବେଳେ ଯେମିତି ଉଚ୍ଚସ୍ତରରେ ଦୁର୍ନୀତି ଅତି ବ୍ୟାପକ ଥିଲା ତାହା ଆଉ ପରିଲକ୍ଷିତ ହେଉନାହିଁ, କିନ୍ତୁ ଆଶ୍ଚର୍ଯ୍ୟର କଥା, ଲୋକପାଳ ଆଇନ ସଂସଦରେ ଗୃହୀତ ହୋଇଯାଇଥିଲେ ମଧ ମୋଦି ସରକାର ଲୋକପାଳ ସଂସ୍ଥାରେ କୌଣସି ନିଯୁକ୍ତି ଦେଇନାହାନ୍ତି । ଏହା ଏକ ଅତି ଆଶ୍ଚର୍ଯ୍ୟର କଥା । ବିଜେପି ନେତୃତ୍ୱାଧିନ ସରକାର ମୁଖ୍ୟତଃ ଦୁର୍ନୀତି, ଭ୍ରଷ୍ଟାଚାର ଲୋପ କରିବେ ବୋଲି ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିଲେ । ପ୍ରଧାନମନ୍ତ୍ରୀ ମୋଦି, ଦୁର୍ନୀତି ବିରୋଧି ବୋଲି ନିଜକୁ ପ୍ରମାଣିତ କରିଥିବା ହେତୁ ଉଚ୍ଚସ୍ତରରେ ଦୁର୍ନୀତି ଆଉ ଆଦୌ ଦିଶୁନାହିଁ । କିନ୍ତୁ ତଳସ୍ତରରେ ଓ ବିଶେଷ କରି ରାଜ୍ୟସ୍ତରମାନଙ୍କରେ ଦୁର୍ନୀତି ହ୍ରାସ ପାଇବାର କୌଣସି ସଂକେତ ମିଳୁନାହିଁ । ଆଉ ଭାରତର ଜନସାଧାରଣ, ଉଚ୍ଚସ୍ତରରେ ଘଟୁଥିବା ଦୁର୍ନୀତିକୁ ନେଇ ସେତେ ବେଶୀ ବ୍ୟସ୍ତବିବ୍ରତ ନୁହନ୍ତି । ସେମାନେ ବିବ୍ରତ ଏଇ ତଳ ସ୍ତରରେ ଦୁର୍ନୀତି ବ୍ୟାପକ ହୋଇଯାଇଥିଲା । ଗୋଟିଏ ଦଳ ବା ବ୍ୟକ୍ତି ଦୀର୍ଘକାଳ କ୍ଷମତାରେ ରହିଲେ ଏମିତି ହୋଇଥାଏ । କାରଣ ଚୋରୀ କରିବାର ସାହସ ସରକାରୀ ଦଳର ବଢିଥାଏ । ଯେତେବେଳେ ମମତା ବାନାର୍ଜୀଙ୍କର ସରକାର ଦୀର୍ଘ ୩୫ବର୍ଷ ପରେ କ୍ଷମତାକୁ ଆସିଲା, ସେତେବେଳେ ମମତା ବାନାର୍ଜୀଙ୍କ ଦଳ ଠିକ୍ ସେଇଆ କଲା । ମମତାଙ୍କ ଏକଛତ୍ରବାଦୀ ଶାସନ ଦୁର୍ନୀତିକୁ ପ୍ରୋତ୍ସାହନ ଦେଲା । ମଧ୍ୟପ୍ରଦେଶରେ ମଧ ଦୀର୍ଘ ୧୫ ବର୍ଷ ଧରି ବିଜେପି ଶାସନ ଶିବରାଜ ସିଂହ ଚହ୍ୱାନଙ୍କ ନେତୃତ୍ୱରେ ଚାଲିଆସିଥିବାରୁ, ସେଠାରେ ଦୁର୍ନୀତି ପରିବ୍ୟାପ୍ତ ହେବା କୌଣସି ଅସମ୍ଭବ କଥାନୁହେଁ । ଅଥଚ, ମହାରାଷ୍ଟ୍ରର ବିଜେପି ସରକାର ପାଞ୍ଚ ବର୍ଷ ମଧ ପୂରଣ କରିଥିବା ହେତୁ ଏତେ ବେଶୀ ସେ ଦିଗରେ ଅଗ୍ରସର ହୋଇ ନାହାନ୍ତି । ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି ସରକାର ମୂଳରୁ ହିଁ ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ ଅଭିଯାନ ଆରମ୍ଭ କରି ସରକାର ଗଠନ କରିଥିବାରୁ ଏବେ ମଧ ସେଦିଗରେ କିଛିଟା ଅଗ୍ରଗତି କରିଛନ୍ତି ଓ ସେଠାକାର ଜନସାଧାରଣ ଏହାକୁ ଅନେକ ପରିମାଣରେ ସ୍ୱୀକାର ମଧ କରୁଛନ୍ତିଚ୍

ଭାରତର ବିଭିନ୍ନ ସ୍ଥାନମାନଙ୍କରେ ଜନସାଧାରଣ ଚାହାନ୍ତି, ଦୁର୍ନୀତି ହଟାଇବାକୁ ହେଲେ ବ୍ୟବସ୍ଥାର ପରିବର୍ତ୍ତନ ହେଉ । ଉଦାହରଣ ସ୍ୱରୂପ, ଯେତେବେଳେ ଟ୍ରେନ୍ ଆରକ୍ଷଣ (ରିଜର୍ଭେସନ) କର୍ମଚାରୀମାନଙ୍କ ଦ୍ୱାରା କରାଯାଉଥିଲା । ସେତେବେଳେ ଏଥିପାଇଁ ଅନେକ ଲାଞ୍ଚ ଦେବାକୁ ପଡୁଥିଲା । ଏବେ ଏହି ବ୍ୟବସ୍ଥାର ପରିବର୍ତ୍ତନ କରି କମ୍ପ୍ୟୁଟର ଦ୍ୱାରା ଏହା କରାଯାଇଥିବାରୁ ଏକ୍ଷେତ୍ରରେ ଦୁର୍ନୀତି ନାହିଁ କହିଲେ ଚଳେ । ଜନସାଧାରଣ ଚାହାନ୍ତି, ଯେଉଁ କ୍ଷେତ୍ରମାନଙ୍କରେ ଦୁର୍ନୀତି ଅତି ବ୍ୟାପକ ସେ କ୍ଷେତ୍ରରେ ବାଛିବାଛି ଦକ୍ଷ ଓ ଦୁର୍ନୀତିମୁକ୍ତ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯିବା ଉଚିତ୍ । ଦୁର୍ନୀତି ବିରୋଧି ସଂସ୍ଥାମାନେ ସେମାନଙ୍କର କାର୍ଯ୍ୟକଳାପର ବିସ୍ତାର କରିବା ଉଚିତ୍ ଓ ଆକସ୍ମିକ ତଦନ୍ତମାନଙ୍କର ସଂଖ୍ୟା ଅଧିକରୁ ଅଧିକ ହେବା ଉଚିତ୍ । ସରକାରୀ କ୍ଷେତ୍ରରେ ଇଚ୍ଛାଧୀନ ବ୍ୟାପାର ନରହିବା ଦରକାର । ସରକାରୀ ଅଧିକାରୀମାନେ ସେମାନଙ୍କ ଇଚ୍ଛା ଅନୁସାରେ କାହାକୁ ସୁବିଧା ଦେବା ବା ନିଷ୍ପତ୍ତି ନେବା ଉଚିତ ନୁହେଁ । ସବୁ କିଛିକ ନିୟମଭିତ୍ତିକ ହେବା ଉଚିତ ଓ ଆପେ ଆପେ ଘଟିବା ଦରକାର । ଦୁର୍ନୀତିକ ହଟାଇବା ପାଇଁ ଚାରିଆଡେ ସି.ସି.ଟି.ଭି ଲାଗିବା ମଧ ଉଚିତ । ଯେଉଁଠି ଲାଞ୍ଚ ମଗାଯାଉଛି ସେ କ୍ଷେତ୍ରରେ ଶୀଘ୍ର ଆପତ୍ତି ଉଠାଇବା ପାଇଁ ସରକାରୀ ବ୍ୟବସ୍ଥା ରହିବା ଦରକାର । ଯେମିତି ଟେଲିଫୋନ ଯୋଗେ ସଂଗେ ସଂଗେ ଆପତ୍ତି କରାଯାଇ ପାରିବ । ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ସମାପ୍ତ ହେବା ଉଚିତ ଓ କଠୋର ଆର୍ଥିକ ଦଣ୍ଡ ଦିଆଯିବା ଦରକାର ।

**ମୋବାଇଲ-୯୪୩୭୦୨୦୨୯୦**
**Email-kharabelaswain@gmail.com**

# ଇତିହାସରେ ପଦ୍ମାବତୀଙ୍କ ଚରିତ୍ର

**ଡ଼ାକ୍ତର ସୁରେନ୍ଦ୍ର ନାଥ ଦାଶ**

ନିକଟରେ ଚିତୋରର ରାଣି ଅପରୁପା ସୌନ୍ଦର୍ଯ୍ୟମୟୀ ପଦ୍ମିନି ବା ପଦ୍ମାବତୀଙ୍କ ଜୀବନୀକୁ ନେଇ ନିର୍ମିତ ଚଳଚିତ୍ର ରାଜସ୍ଥାନ ଓ ଗୁଜୁରାଟ ସମେତ ଭାରତର ଅନେକ ଅଂଚଳରେ ତୀବ୍ର ବିରୋଧର ସମ୍ମୁଖିନ ହୋଇଛି । ଏହା ଏକ ଐତିହାସିକ ସତ୍ୟ ନ ହୋଇ ଜଣେ ପାରଶିକ ଲେଖକ ମହୋମ୍ମଦ ଜୟସିଂଙ୍କ କାଳ୍ପନିକ କାବ୍ୟକୁ ଆଧାରକରି ଲିଖିତ ଓ ଏହା ରାଜପୁତ ତଥା ହିନ୍ଦୁ ମାନଙ୍କର ସମ୍ମାନ ତଥା ସ୍ୱାଭିମାନ ଉପରେ ଆଂଚ ଆଣିଥିବାରୁ ଅନେକ ଲୋକ ଏହାର ବିରୋଧ କରିଛନ୍ତି ।

କିଏ ଏହି ପଦ୍ମିନୀ ? ଭାରତ ଇତିହାସରେ ତାଙ୍କର ସ୍ଥାନ କଣ ? ତାଙ୍କ ମୃତ୍ୟୁର ଆଠ ଶହ ବର୍ଷ ପରେ କାହିଁକି ଆଜି କୋଟି କୋଟି ଲୋକେ ତାଙ୍କର ଜୟ ଗାନ କରି ରାସ୍ତାକୁ ଓହ୍ଲାଇଛନ୍ତି । ଭାରତର ଶେଷ ହିନ୍ଦୁ ସମ୍ରାଟ ହର୍ଷବର୍ଧନଙ୍କ ମୃତ୍ୟୁ ପରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇଗଲା । ଭାରତର ଉତର ଓ ପଶ୍ଚିମ ଅଂଚଳରେ ରାଜପୁତ ନାମ ଧାରି କ୍ଷେତ୍ରୀୟ ମାନେ ଛୋଟ ଛୋଟ ରାଜ୍ୟ ସ୍ଥାପନ କରି ସ୍ୱାଧୀନ ଭାବେ ରାଜତ୍ୱ କରିବାକୁ ଲାଗିଲେ । ସେମାନେ ଶିଶୋଦିଆ, କଛୁଆଟ, ରାଠୋର, ସୋଲାଙ୍କି, ଯାଦବ, ପାଳ ଓ ଚୌହାନ ଇତ୍ୟାଦି ସଂପ୍ରଦାୟରେ ବିଭକ୍ତ ହୋଇଥିଲେ । ସେମାନେ ନିଜକୁ ଅଗ୍ନି, ସୂର୍ଯ୍ୟ ଓ ଚନ୍ଦ୍ର ଠାରୁ ଉତ୍ପତି ବୋଲି ଦାବି କରୁଥିଲେ । ଏମାନେ ବ୍ୟକ୍ତିଗତ ଭାବରେ ଅତ୍ୟନ୍ତ ସାହସି ଓ ସ୍ୱାଭିମାନି ଥିଲେ ମଧ୍ୟ ଏକତା ଅଭାବରୁ ଭାରତ ଇତିହାସରେ ଏକ ନିର୍ଣ୍ଣୟାତ୍ମକ ଛାପ ରଖି ପାରିଲେ ନାହିଁ ।

ରାଜପୁତନାର ବିଭିନ୍ନ ରାଜ୍ୟ ମାନଙ୍କ ମଧ୍ୟରେ ମେବାର ଥିଲା ସବୁଠାରୁ ଶକ୍ତିଶଳୀ । ଭାରତ ଇତିହାସରେ ଏହାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଅନେକ ପରାକ୍ରମଶାଳୀ ସମ୍ରାଟ ଏହି ରାଜ୍ୟରେ ନିଜର ଛାପ ଛାଡ଼ି ଯାଇଛନ୍ତି । ମହାବୀର ମାନଙ୍କ କଥା କହିଲେ ରାଣା ପ୍ରତାପଙ୍କ କଥା ମନେପଡେ । ସେ ହେଉଛନ୍ତି ମେବାରର ମହାରାଜା । ମେବାରର ଶାସକ ମାନଙ୍କୁ ରାଣା କୁହାଯାଏ । ବାପା ରାଓଲ, ରାଣା ହମିର, ମହାରାଣା କୁମ୍ଭ, ମହାରାଣା ଲକ୍ଷ ଓ ମହାରାଣା ଅମର ସିଂଙ୍କ ଭଳି ଅନେକ ଭାରତ ବିଖ୍ୟାତ ବୀର ମେବାରର ଇତିହାସକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ଚିତୋରଗଡ ଥିଲା ମେବାରର ରାଜଧାନୀ । ଭାରତର ଏହାଥିଲା ସବୁଠାରୁ ସୁଦୃଢ ଦୁର୍ଗ । ଏହା ଅନେକ ବାର ମୁସଲମାନ ଶାସକ ମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଧ୍ୱଂସ ପାଇଥିଲା । ୧୫୬୫ ମସିହାରେ ମୋଗଲ ସମ୍ରାଟ ଆକବର ଦିର୍ଘଦିନ ଧରି ଅବରୋଧ ପରେ ଏହି ଗଡକୁ ଧ୍ୱଂସ କରିଥିଲେ । ଚିତୋରର ରାଜଧାନୀ ଉଦୟପୁରକୁ ସ୍ଥାନାନ୍ତରିତ ହେଲା ।

୧୩୦୩ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସୁଲତାନ ଆହ୍ଲାଉଦ୍ଦିନ ଖିଲିଜ ଚିତୋର ଦୁର୍ଗ ଆକ୍ରମଣ କଲେ । ସେ ସମୟରେ ଚିତୋରର ରାଣା ଥିଲେ ରତନ ସିଂ । ତାଙ୍କର ଦାଦା ଭିମସିଂ ତାଙ୍କ ତରଫରୁ ରାଜ୍ୟ ଶାସନ ବୁଝୁଥିଲେ । ରାଣୀ ପଦ୍ମିନୀ ଥିଲେ ଭିମସିଂ ଙ୍କ ସ୍ତ୍ରୀ । ସେ ସିଙ୍ଘଳର ରାଜକନ୍ୟା ଥିଲେ ବୋଲି କିମ୍ବଦନ୍ତୀରେ ବର୍ଣ୍ଣନା ଅଛି । ଅସମାନ୍ୟ ରୂପସୀ ପଦ୍ମିନୀଙ୍କର ସୌନ୍ଦର୍ଯ୍ୟର କାହାଣୀ ସାରା ଭାରତରେ ପ୍ରଚାରିତ ହୋଇଥିଲା । ତାଙ୍କୁ ସ୍ତ୍ରୀ ରୁପେ ପାଇବାର ଆଶା ରଖି ଆହ୍ଲାଉଦ୍ଦିନ ଖିଲିଜ ଚିତୋରଗଡ ଆକ୍ରମଣ କରିଥିଲେ । ଆକ୍ରମଣ ଓ ଅବରୋଧ ମାସ ମାସ ଧରି ଚାଲିଲା । ସମସ୍ତ ଚେଷ୍ଟା ସତ୍ତ୍ୱେ ଆହ୍ଲାଉଦ୍ଦିନ ଚିତୋରକୁ ଜୟ କରି ପାରିଲେ ନାହିଁ । ଶେଷରେ ସେ ପ୍ରସ୍ତାବ ଦେଲେ ଯେ, ରାଣୀ ପଦ୍ମିନୀଙ୍କୁ ସେ ଥରେ ଦେଖିଲେ ଅବରୋଧ ହଟାଇ ଦିଲ୍ଲୀ ଫେରିଯିବେ । ମାତ୍ର ସେ କେବଳ ପଦ୍ମିନୀଙ୍କ ପ୍ରତିବିମ୍ବ ଏକ ଦର୍ପଣରେ ଦେଖି ପାରିବେ ବୋଲି ରାଜପୁତ୍ ମାନେ କହିଲେ । ଏହି ଚୁକ୍ତି ଅନୁଯାଇ ଆହ୍ଲାଉଦ୍ଦିନ ଚିତୋରକୁ ଆସି ଏକ ଦର୍ପଣ ସାମ୍ନାରେ ପଦ୍ମିନୀଙ୍କ ପ୍ରତିବିମ୍ବ ଦେଖିଲେ । ଫେରିଲା ବେଳେ ଭଦ୍ରତା ଦୃଷ୍ଟିରୁ ପଦ୍ମିନୀଙ୍କ ସ୍ୱାମୀ ରାଣା ଭିମ ସିଂ ତାଙ୍କୁ କିଛିବାଟ ବଳାଇ ଦେବାକୁ ଆସିଲେ । ମାତ୍ର କୁଚକ୍ରୀ ଆହ୍ଲାଉଦ୍ଦିନ ବିଶ୍ୱାସ ଘାତକତା କରି ଭିମ ସିଂଙ୍କୁ ବନ୍ଦିକରି ତାଙ୍କ ଶିବିରକୁ ନେଇଗଲେ ଓ ଖବର ପଠାଇଲେ ଯେ, ପଦ୍ମିନୀ ସ୍ୱୟଂ ଆସିଲେ ସେ ଭିମ ସିଂ ଙ୍କୁ ମୁକ୍ତି ଦେବେ ।

ଏଭଳି ନିଚ କାର୍ଯ୍ୟରେ ରାଜପୁତ ମାନେ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ଧୈର୍ଯ୍ୟ ହରାଇଲେ ନାହିଁ । ସେମାନେ ମଧ୍ୟ ତାଙ୍କର ଯୋଜନା ପ୍ରସ୍ତୁତ କଲେ । ଆହ୍ଲାଉଦ୍ଦିନଙ୍କୁ ଖବର ଦିଆଗଲା ଯେ, ରାଣୀ ପଦ୍ମିନୀ ସାତ ଶହ ସେବିକା ଧରି ତାଙ୍କ ଶିବିରକୁ ଯିବେ । ପ୍ରତି ସେବିକାରେ ଜଣେ ରାଜପୁତ ଯୋଦ୍ଧା ସ୍ତ୍ରୀ ବେଶ ଧରି ବସିଲା । ପ୍ରତି ସେବିକାକୁ ଚାରି ଜଣ ଯୋଦ୍ଧା ଛଦ୍ମବେଶ ଧରି ବହନ କରି ଚାଲିଲେ । ପଦ୍ମିନୀଙ୍କ ଜଣେ ସଂର୍ପକୀୟ ବାଦଲ ପଦ୍ମିନୀଙ୍କ ବେଶ ଧରି ଯାତ୍ରା ଆରମ୍ଭ କଲେ । ସେବିକାମାନ ଆହ୍ଲାଉଦ୍ଦିନଙ୍କ ଶିବିରରେ ପହଂଚିଲା ପରେ ଚୁକ୍ତି ଅନୁଯାୟୀ ଭିମ ସିଂ ମୁକ୍ତି ପାଇଲେ ଓ ଅଶ୍ୱାରୋହଣ କରି ଦୁର୍ଗ ଅଭିମୁଖେ ପଳାୟନ କଲେ । ହଠାତ୍ ରାଜପୁତ ମାନେ ଛଦ୍ମବେଶ ପରିତ୍ୟାଗ କରି ମୁସଲମାନ ସୈନ୍ୟ ମାନଙ୍କୁ ଆକ୍ରମଣ କଲେ ଓ ଏହି ଯୁଦ୍ଧରେ ଅନେକ ରାଜପୁତ ନିହତ ହେଲେ ମଧ୍ୟ ଭିମ ସିଂ ସମେତ ଅବଶିଷ୍ଟ ସୈନ୍ୟ ଦୁର୍ଗରେ ପହଞ୍ଚି ଗଲେ ।

ଲଜ୍ଜିତ ଓ ବିଫଳ ମନୋରଥ ହୋଇ ଆହ୍ଲାଉଦ୍ଦିନ ଖିଲିଜ ଦିଲ୍ଲୀ ଫେରିଗଲେ । ପ୍ରାୟ ବର୍ଷକ ପରେ ଏକ ବିଶାଳ ସୈନ୍ୟ ବାହିନୀ ଧରି ସେ ପୁଣି ଚିତୋର ଅବରୋଧ କଲେ । ପରାଜୟ ଆସନ୍ନ ଜାଣି ପଦ୍ମିନୀଙ୍କ ସମେତ ଅନ୍ୟ ରାଜପୁତ ରମଣିମାନେ ପ୍ରଜ୍ୱଳିତ ଅଗ୍ନିରେ ନିଜକୁ ଝାସ ଦେଇ ଜହର ବ୍ରତ ପାଳନ କଲେ ଓ ରାଜପୁତ ବୀରମାନେ ପ୍ରକାଶ୍ୟ ଯୁଦ୍ଧରେ ବିର ପରି ଲଢି ସମସ୍ତେ ନିହତ ହେଲେ । ରାଣୀ ପଦ୍ମିନି ରାଜପୁତନାର ସମ୍ମାନ ଓ ଗର୍ବର ପ୍ରତୀକ । ତାଙ୍କ କାହାଣୀକୁ ନେଇ ଅସଂଖ୍ୟ କାହାଣୀ, ଗୀତ ଓ ନାଟକ ସାରା ଭାରତରେ ପ୍ରଚାରିତ ହୋଇ ଆସୁଛି । ଭାଟ ଓ ଚାରଣ ମାନେ ପଥ ପ୍ରାନ୍ତରେ ବୁଲି ବୁଲି ତାହା ଗାନ କରି ଲୋକ ମାନଙ୍କର ଭାବା ବେଗକୁ ଉଦ୍ରେକ କରିଥାନ୍ତି । ଏଭଳି ଏକ ସମ୍ବେଦନଶୀଳ ଚରିତ୍ରକୁ ଚଳଚ୍ଚିତ୍ର ଦୁନିଆ ନିଜର ଆର୍ଥିକ ଲାଭ ପାଇଁ ବିକୃତ କରି ପ୍ରଚାର କରିବା ଆଦୌ ଶୋଭନୀୟ ନୁହେଁ ।

**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,**
**ନବରଙ୍ଗପୁର, ମୋ-୯୪୩୭୨୩୫୩୮୬**

# ଭାରତୀୟ ପାନୀୟ : ଚା'

**ଶେଖ୍ ଫରିଦ୍‌ଉଦ୍ଦିନ୍**

ରାତି ପାହିଲେ ଧନୀ ହୁଅନ୍ତୁ ବା ଗରିବ ସମସ୍ତେ ଖୋଜନ୍ତି ସକାଳର ସାଥି କୁହାଯାଉଥିବା ଚା'କୁ । କହିବାକୁଗଲେ ଆମ ଦେଶର ଜାତୀୟ ପାନୀୟ କହିଲେ ଚା'କୁ ସାଧାରଣରେ ବୁଝାଯାଏ । ଐତିହାସିକ ତଥ୍ୟ କହେ ପ୍ରଥମେ ବ୍ରିଟିଶମାନେ ଆମ ଦେଶକୁ ଚା' ଆଣିଥିଲେ । ସର୍ବପ୍ରଥମେ ୨୦୦୪ରେ ଭାରତ, ଶ୍ରୀଲଙ୍କା, ନେପାଳ, ଭିଏତନାମ, ବାଙ୍ଗଲାଦେଶ, ଇଣ୍ଡୋନେସିଆ, କେନିଆ, ଉଗାଣ୍ଡା, ତାଞ୍ଜାନିଆ ଓ ମାଲେସିଆ ପରି ଚା' ଉତ୍ପାଦନକାରୀ ରାଷ୍ଟ୍ରମାନେ ଏକତ୍ରିତ ହୋଇ ଆନ୍ତର୍ଜାତିକ ଚା' ଦିବସ ପାଳନ କରିବା ପାଇଁ ସ୍ଥିର କରିଥିଲେ । ଯାହାଦ୍ୱାରା ୨୦୦୪ ଡିସେମ୍ବର ୧୫ରେ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଆନ୍ତର୍ଜାତୀୟ ଚା'ଦିବସ ପାଳିତ ହୋଇଥିଲା । ପରବର୍ଷ ଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଏହି ଆୟୋଜକ ସଦସ୍ୟ ରାଷ୍ଟ୍ରଙ୍କ ପ୍ରସ୍ତାବିତ ତଥ୍ୟ ଅନୁଯାୟୀ ଚା'ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଉତ୍ତମ ବନ୍ଧୁତ୍ୱ ଓ ସମନ୍ୱୟ ରହୁ । ଚା'ର ଯଥାର୍ଥ ମୂଲ୍ୟ ସହ ଚାଷୀ ଓ ଶ୍ରମିକ ସେମାନଙ୍କର ଉପଯୁକ୍ତ ପାରିଶ୍ରମିକ ପାଆନ୍ତୁ । ଅନେକ ହୁଏତ ଜାଣିନଥିବେ ୧୮୨୦ ମସିହା ବେଳକୁ ବ୍ରିଟିଶମାନେ ଆମ ଦେଶରେ ବିଶେଷକରି କେବଳ ଆସାମରେ ଚା'ଗଛ ଲଗାଇବା ଆରମ୍ଭ କରିଥିଲେ । ପରେ ୧୮୩୭ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଆସାମର ବାବୁଆ ଠାରେ ଚା'ବଗିଚା ସୃଷ୍ଟି କରିଥିଲେ । ଯାହାର ଫଳସ୍ୱରୂପ ୧୮୪୦ରେ ପ୍ରଥମେ ଆସାମ ଟି'କମ୍ପାନୀ ଚା'କୁ ନେଇ ବ୍ୟବସାୟ ଆରମ୍ଭ କରିଥିଲା । ୧୮୫୦ ବେଳକୁ ଆସାମର ଅଧିକାଂଶ ଅଞ୍ଚଳରେ ଚା'ଚାଷ ବ୍ୟାପିଯାଇଥିଲା । ପରବର୍ତ୍ତୀ ସମୟରେ ଦେଖାଗଲା ଉନ୍ନବିଂଶ ଶତାବ୍ଦୀର ଶେଷ ବେଳକୁ ଭାରତରେ ଉତ୍ପାଦିତ ହେଉଥିବା ବାର୍ଷିକ ୭୧୫,୦୦୦ ଟନ୍ ଚା'ର ୭୫% କେବଳ ଭାରତୀୟମାନେ ବ୍ୟବହାର କରୁଛନ୍ତି । ୨୦୧୫-୧୬ରେ ଦେଶରେ ସର୍ବମୋଟ ୧୨୩୩ ମିଲିୟନ କିଲୋଗ୍ରାମ ଚା' ଉତ୍ପାଦିତ ହୋଇଥିଲା । ଯାହା ଭିତରୁ ୨୩୨.୯ ମିଲିୟନ କି.ଗ୍ରା ଚା' ୪୪୯୩ କୋଟି ଟଙ୍କାରେ ରପ୍ତାନୀ ହୋଇଥିଲା । ୧୯୦୭ ମସିହାରୁ ସର୍ବପ୍ରଥମ ବ୍ରିଟିଶ କମ୍ପାନୀ ଭାବେ ବ୍ରୋକବଣ୍ଡ ଭାରତୀୟ ଚା' ବିତରଣ କରୁଛି । ଭାରତରେ ଲୋକପ୍ରିୟ ପ୍ରସିଦ୍ଧ ଚା' ହେଉଛି ସବୁଜ ଚା', ଧଳାଚା, କଳା ଚା', ପୁ-ଏର୍ ଟି ଓ ଉଲୁଙ୍ଗ ଟି ।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮*

| MARKETS TODAY | ପୁଞ୍ଜିବଜାର ହାଲଚାଲ |
|---|---|
| SENSEX | 33246.7 +193.66 (+0.59%) |
| NIFTY | 10252.1 +59.15 (+0.58%) |
| ସୁନା 24K (MCX) (Rs/10g.) 28,381 | |
| ଟଙ୍କାର ବିନିମୟ ମୂଲ୍ୟ | |
| 1 Dollar = Rs. 64.35 | |

# ଗୁଜରାଟ ନିର୍ବାଚନ ଶେଷ, ୧୮ରେ ଗଣତି

ଅହମ୍ମଦାବାଦ, ୧୪/୧୨(ଏଜେନ୍ସି) ଚଳିତ ଗୁଜରାଟ ବିଧାନସଭାର ୯୩ଟି ଆସନ ଲାଗି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ସୂଚନାନୁଯାୟୀ, ମତଦାନ ହାର ୭୦ ପ୍ରତିଶତରୁ ସାମାନ୍ୟ କମ ରହିଛି। ପ୍ରଥମ ପର୍ଯ୍ୟାୟରେ ୮୯ଟି ଆସନ ଲାଗି ଗତ ୯ତାରିଖରେ ମଧ୍ୟ ମତଦାନ ହାର ଅନୁରୂପ ଥିଲା। ୩.୪୦ କୋଟି ଲୋକ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୧.୭୬ କୋଟି ପୁରୁଷ ଓ ୧.୬୪ କୋଟି ମହିଳା ମତଦାତା ଅଛନ୍ତି । ଏହି ପର୍ଯ୍ୟାୟରେ ୧୮୨ରୁ ୯୩ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ମତଦାନ ସରିବା ପରେ ଅପରାହ୍ନ ୫ ଟାରୁ ଏକ୍‌ଜିଟ୍ ପୋଲ ରିପୋର୍ଟ ପ୍ରକାଶ ପାଇବ । ତେବେ ଆସନ୍ତା ୧୮ ତାରିଖରେ ଭୋଟ୍ ଗଣତି ହେବ । ଏହି ପର୍ଯ୍ୟାୟରେ ୭୮୨ ଜଣ ପୁରୁଷ ଓ ୬୯ ଜଣ ମହିଳା ପ୍ରାର୍ଥୀ ଙ୍କ ସହ ମୋଟ ୮୫୧ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିରୁପଣ ହେବ । ଏଥିପାଇଁ ୨୫,୫୫୮ ପୁଲିଂ ବୁଥ୍ ରେ ମତଦାନ ଅନୁଷ୍ଠିତ ହୋଇଥିଲା । ଏଗୁଡିକରେ ଭିଭିପ୍ୟାଟ୍ ଥିବା ୨୮୧୧୪ଟି ଇଭିଏମ୍ ବ୍ୟବହାର କରାଯାଇଥିଲା । ଏହି ନିର୍ବାଚନରେ ମେହସାନାରେ ସର୍ବାଧିକ ୩୪ ଜଣ ପ୍ରାର୍ଥୀ ଛିଡା ହୋଇଥିବାବେଳେ ସଂରକ୍ଷିତ ଥିବା ଝାଲୋଡ ନିର୍ବାଚନ ମଣ୍ଡଳୀରେ ମାତ୍ର ୨ ଜଣ ପ୍ରାର୍ଥୀ ଛିଡା ହୋଇଛନ୍ତି ।





## ଧାଡିରେ ଛିଡା ହୋଇ ଭୋଟ୍ ଦେଲେ ମୋଦି

ଅହମ୍ମଦାବାଦ, ୧୪/୧୨(ଏଜେନ୍ସି) ପ୍ରଧାନମନ୍ତ୍ରୀ ଜଣେ ସାଧାରଣ ନାଗରିକଙ୍କ ପରି ଗୁରୁବାର ଗୁଜରାଟ ବିଧାନସଭା ନିର୍ବାଚନରେ ତାଙ୍କର ମତଦାନ ସାବ୍ୟସ୍ତ କରିଛନ୍ତି । ବନସକଣ୍ଠା, ପତାନ, ସାବରକଣ୍ଠା, ମେହସାନା, ଗାନ୍ଧୀନଗର, ଅହମ୍ମଦାବାଦ୍, ଆରାବଲି, ମହିସାଗର, ପଞ୍ଚମହଲ, ଦାହୋଦ, ଖେଦା, ଆନନ୍ଦ, ବରୋଦା, ଛୋଟା ଉଦୟପୁର ଜିଲ୍ଲାରେ ଗୁରୁବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ହୋଇଥିଲା । ସାବରମତି ରାଣିପ୍ ଅଞ୍ଚଳରେ ୧୧୫ ନମ୍ବର ବୁଥ୍‌ରେ ପ୍ରଧାନମନ୍ତ୍ରୀ ତାଙ୍କ ମତଦାନ ସାବ୍ୟସ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ଆଜି ପ୍ରବଳ ଭିଡ ହୋଇଥିଲା । ଲୋକମାନେ ତାଙ୍କର ଗୋଟିଏ ଝଲକ ଦେଖିବା ପାଇଁ ରାସ୍ତାରେ ଦୀର୍ଘ ସମୟ ଧରି ଛିଡା ହୋଇଥିଲେ । ମୋଦି ଭୋଟ ଦେବା ପରେ ଯଦିଓ ତାଙ୍କ କାର ଯୋଗେ ଫେରିଥିଲେ । କିନ୍ତୁ କାର ଡୋର ନିକଟରେ ଛିଡା ହୋଇ ହାତ ହଲାଇ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ । ସେହିପରି ମୋଦିଙ୍କ ମା' ହିରାବେନ୍ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶହା, ଅର୍ଥମନ୍ତ୍ରୀ ଅରୁଣ ଜେଟଲି ମଧ୍ୟ ଶୃଙ୍ଖଳିତ ନାଗରିକ ଭାବେ ଧାଡିରେ ଛିଡାହୋଇ ଭୋଟ ଦେଇଥିବା ଦେଖିବାକୁ ମିଳିଛି । ଅର୍ଥମନ୍ତ୍ରୀ ଅରୁଣ ଜେଟଲି ଅହମ୍ମଦାବାଦର ବେଦୋଲପୁର ନିର୍ବାଚନ ମଣ୍ଡଳୀର ଚିମନ ଭାଇ ଇନଷ୍ଟିଚ୍ୟୁଟ୍‌ରେ ମତଦାନ କରିଛନ୍ତି । ସେହିପରି ଅମିତ ଶାହା ଅହମ୍ମଦାବାଦର ନାରନପୁରା ଅଞ୍ଚଳରେ ଥିବା ପୁଲିଂ ବୁଥରେ ମତଦାନ କରିଛନ୍ତି ।

## ଅମରନାଥ ସାଇଲେଣ୍ଟ ଜୋନ ନୁହେଁ : ଏନଜିଟି

ନୂଆଦିଲ୍ଲୀ , ୧୪/୧୨(ଏଜେନ୍ସି) ଗତକାଲି ସବୁଜ ପ୍ରାଧିକରଣ ଘୋଷଣା କରିଥିଲେ ଯେ, ଅମରନାଥ ଏକ ସାଇଲେଣ୍ଟ ଜୋନ୍ । ତେବେ ଗୁରୁବାର ସବୁଜ ପ୍ରାଧିକରଣର ସଦସ୍ୟ ଜଷ୍ଟିସ୍ ସ୍ୱତନ୍ତ୍ର କୁମାର ସାନି ନିର୍ଦ୍ଦେଶନାମା ଦେଇ କହିଛନ୍ତି ଯେ, ଅମରନାଥ ଏକ ନୀରବ ଜୋନ ନୁହେଁ । କେବଳ ଗୁମ୍ଫା ସମ୍ମୁଖରେ ଠାକୁରଙ୍କୁ ଦର୍ଶନ କଲାବେଳେ ସମସ୍ତଙ୍କୁ ନୀରବ ରହିବାକୁ କୁହାଯାଇଛି । ଗତକାଲି ଏନଜିଟି ଦେଇଥିବା ରାୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । କେବଳ ସେତିକି ନୁହେଁ ଅମରନାଥ ପୀଠରେ ଯେପରି କୌଣସି ପ୍ରକାର ଘଣ୍ଟ, ନାଦ ନବାଜିବ ସେଥିପାଇଁ ଅମରନାଥ ପୀଠ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବାଦ୍ ଯାତ୍ରୀମାନେ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ସେଠାକୁ ନେଇଯାଇପାରିବେ ନାହିଁ ବୋଲି କୁହାଯାଇଥିଲା ।



# ଆଜିଠୁ ଶୀତ ଅଧିବେଶନ

ନୂଆଦିଲ୍ଲୀ, ୧୪/୧୨(ଏଜେନ୍ସି) ଶୁକ୍ରବାରଠାରୁ ଆରମ୍ଭ ହେଉଛି ସଂସଦର ଶୀତ ଅଧିବେଶନ। ୨୦୧୮ ଜାନୁଆରୀ ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ବେଶ୍ ସରଗରମ ହେବା ମନେ କରାଯାଉଛି। କାରଣ ସରକାରଙ୍କୁ ଘେରିବା ପାଇଁ ଏବେ ବିରୋଧୀଙ୍କ ପାଖରେ ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଗୁଜରାଟ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ ନେଇ ବିରୋଧୀ ଶାସକ ସହ ମୁହାଁମୁହିଁ ସ୍ଥିତିରେ ଥିବା ବେଳେ ବିରୋଧୀ କଂଗ୍ରେସ ସଂସଦର ଶୀତ ଅଧିବେଶନର ସମୟ କମ ଯୋଗୁଁ ଅସନ୍ତୋଷ ବ୍ୟକ୍ତ କରଛି । ବାମଦଳ, ଆରଜେଡି, ଜେଡିୟୁ, ସମାଜବାଦୀ ପାର୍ଟି ଓ ବିଏସପି ଭଳି ଏକାଧିକ ଦଳ ସରକାରଙ୍କୁ ବିଭନ୍ନ ପ୍ରସଙ୍ଗରେ ବିରୋଧ କରିବାକୁ ସ୍ଥିର କରିଛନ୍ତି । ତେବେ ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି । ସରକାର ଅଧିବେଶନ କାଳରେ ୧୧ଟି ନୂଆବିଲ୍ ଆଗତ କରିବାକୁ ପ୍ରସ୍ତୁତ ହେବା ସହ ରାଜ୍ୟସଭାରେ ପଡିଥିବା ୯ ଟି ଓ ଲୋକସଭାରେ ୪ଟି ପୁରୁଣା ବିଲକୁ ପାରିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ଦୃଷ୍ଟିରୁ ଅଧିବେଶନ ସରଗରମ ହେବା ଆଶଙ୍କା କରାଯାଉଛି। ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏପରି କଠୋର ଆଭିମୁଖ୍ୟ ପରିହାର କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦଳୀୟ ବୈଠକରେ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସରକାର ଗୃହରେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ। ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ସରକାର କୌଣସି ପ୍ରସଙ୍ଗ ଲୁଚାଇବାର ନାହିଁ କି କୌଣସି ପ୍ରସଙ୍ଗକୁ ଭୟ କରିବାର ନାହିଁ ଏବଂ ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା କରିବେ। ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜନୈତିକ ଦଳକୁ ଆହ୍ୱାନ ଜଣାଇ କହିଛନ୍ତି ଏହି ଅଧିବେଶନର ଅବଧି ଯେହେତୁ ସ୍ୱଳ୍ପ ତେଣୁ ଏହାର ସମୟକୁ ସଦୁପଯୋଗ କରି ମହତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚର୍ଚ୍ଚା କରାଯିବା ଆବଶ୍ୟକ। ସରକାର ସବୁ ପ୍ରସଙ୍ଗ ଉପରେ ଖୋଲାଖୋଲି ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ 'ସଦନ ଚଳାଇବା ଯଦିଓ ସରକାରଙ୍କ ଦାୟିତ୍ୱ; ତଥାପି ସମସ୍ତେ ଏଥିପାଇଁ ମିଳିତ ଭାବେ ଦାୟିତ୍ୱ ଉଠାଇବା ଆବଶ୍ୟକ। ଏବେ ଆଗକୁ ଅଗ୍ରସର ହେବାର ସମୟ ଉପନୀତ। ସମସ୍ତଙ୍କୁ ମିଶିକରି ଆଗକୁ ଅଗ୍ରସର ହେବା ଉଚିତ। କାରଣ ଦେଶହିତ ସବୁଠାରୁ ଉପରେ।

## ୨୦ ହଜାର ଡଲାରରେ ପହଞ୍ଚିଲା ବିଟ୍ କଏନ

ମୁମ୍ବଇ, ୧୪/୧୨(ଏଜେନ୍ସି) ୦୦୯ ଜାନୁଆରୀ ୩ରୁ ବିଶ୍ୱରେ ପ୍ରଚଳିତ ବିଟ୍ କଏନ୍‌ର ମୂଲ୍ୟ ଏବେ ହୁତୁ ହୁତୁ ହୋଇ ବଢିଚାଲିଛି । ଜାପାନ, ଦକ୍ଷିଣ କୋରିଆ ଓ ପୂର୍ବଏସିୟାର କିଛି ରାଷ୍ଟ୍ରରେ ଏହା ପ୍ରଚଳିତ ଅଛି । ତେବେ ଭାରତରେ ଏହା ଆଇନ୍ ସିଦ୍ଧ ନୁହେଁ ତେଣୁ ଏଠାରେ କେହି ଏହାକୁ କିଣାବିକା ନକରିବାକୁ ରିଜର୍ଭ ବ୍ୟାଙ୍କ ବାରମ୍ବାର ଲୋକମାନଙ୍କୁ ତାଗିଦ୍ କରିଛନ୍ତି । ଜାପାନର ସାତୋଶୀ ନିକାମାତୋ ନାମକ ଜଣେ ବ୍ୟକ୍ତି ବା ସଂଗଠନ ଏହି ମୂଦ୍ରାର ପ୍ରଚଳନ କରିଥିଲେ । ମାସକ ତଳେ ଏହାର ମୂଲ୍ୟ ୩ ହଜାର ଡଲାର ଥିବାବେଳେ ମାସକ ମଧ୍ୟରେ ଏହା ୬ ଗୁଣରୁ ଅଧିକ ବୃଦ୍ଧି ପାଇଛି । ତେଣୁ ନିବେଶକମାନେ ବେଆଇନ୍ ହୋଇଥିଲେ ମଧ୍ୟ ଏଥିରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ମାଇନିଂ ପ୍ରକ୍ରିୟାରେ ପୁରସ୍କାର ସ୍ୱରୂପ ବିଟ୍ କଏନ୍ ସୃଷ୍ଟି ହୋଇଥାଏ । ଏହା ବଦଳରେ ବିଭିନ୍ନ ଦେଶର ମୂଦ୍ରା, ଯେକୌଣସି ସେବା, ପଦାର୍ଥ, ସୁନା, ଜମି ଇତ୍ୟାଦି କିଣାଯାଇପାରେ । ବିଶ୍ୱରେ ପ୍ରାୟ ୧ ଲକ୍ଷରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନରେ ଏହା ଗ୍ରହଣୀୟ ହୋଇଥାଏ । ଏହାକୁ କ୍ରିପ୍ଟୋ କରେନ୍ସି କୁହାଯାଏ । ବିଶ୍ୱରେ ଏବେ ପ୍ରାୟ ୩ରୁ ୬ ନିୟୁତ କ୍ରିପ୍ଟୋ କରେନ୍ସି ବ୍ୟବହାରକାରୀ ଅଛନ୍ତି ।



ବିଟ୍ କଏନ୍ ବାସ୍ତବରେ କୌଣସି ମୂଦ୍ରା ନୁହେଁ । ଏହା ଏକ ଜଟିଳ ଗାଣିତିକ ସୂତ୍ର । ଯାହାକୁ କେବଳ ଡିଜିଟାଲ୍ ଫର୍ମରେ ରଖାଯାଇପାରେ । ଏଥିପାଇଁ ଅନ୍‌ଲାଇନ୍‌ରେ ଏକ ୱାଲେଟ ଡାଉନ୍‌ଲୋଡ କରିବାକୁ ପଡେ । ବିଭିନ୍ନ ଏଜେଣ୍ଟଙ୍କ ଜରିଆରେ ଏହାର କିଣାବିକା ହୋଇଥାଏ । ଗୋଟିଏ ବିଟ୍ କଏନ୍ କିଣିବା ପରେ ଉକ୍ତ ଗାଣିତିକ ଫର୍ମୁଲା ସୁରକ୍ଷିତ ଭାବେ ଡାଉନ୍‌ଲୋଡ କରାଯାଏ । ଏହାକୁ ପାସୱାର୍ଡ ଦିଆଯାଇ ୱାଲେଟ୍‌ରେ ରଖାଯାଏ । ଇଣ୍ଟରନେଟ୍ ଥିବା କୌଣସି ମୋବାଇଲ୍, ଲ୍ୟାପଟୋପ୍, କମ୍ପ୍ୟୁଟର ବା ଅନ୍ୟ କୌଣସି ସିଷ୍ଟମ୍‌ରେ ରଖିବା ସୁରକ୍ଷିତ ନୁହେଁ । ଏହାକୁ ପାସୱାର୍ଡ ସହ ଜିପ୍ କରି ପେନ୍‌ଡ୍ରାଇଭ୍ କିମ୍ବା ଏକ୍ସଟ୍ରନାଲ ହାର୍ଡଡିସ୍କରେ ମଧ୍ୟ ରଖାଯାଇପାରେ । ଏବେ ଏହାର ସ୍ରଷ୍ଟା ନାହାଁନ୍ତି । ୨୦୧୧ରୁ ତାଙ୍କ ମାରିଦିଆଯାଇଛି ଅଥବା ସେ ନିଖୋଜ ହୋଇଯାଇଛନ୍ତି । ବିଟ୍ କଏନ୍ ଏକ ଅତ୍ୟନ୍ତ ଜଟିଳ ଗଣୀତିକ ସୂତ୍ର ହୋଇଥିବାରୁ ଏହାର ନକଲ କରାଯାଇପାରିବ ନାହିଁ । ୨୧୪୦ ମସିହା ସୁଦ୍ଧା ବିଶ୍ୱରେ ମାତ୍ର ୨୧ ନିୟୁତ ବିଟ୍ କଏନ୍ ଥିବ । ଏକଦା ବିଟ୍ କଏନ୍‌ର ମୂଲ୍ୟ ୭୫ ନିୟୁତ୍ ଡଲାରରେ ପହଞ୍ଚିବ ବୋଲି ବିଟ୍ କଏନ୍ ବ୍ୟବସାୟୀମାନେ ଆଶାବ୍ୟକ୍ତ କରନ୍ତି ।

## ମେରି ସଡକ ଆପ୍ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୪/୧୨(ଏଜେନ୍ସି) ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ଏପର୍ଯ୍ୟନ୍ତ ୮୧ ପ୍ରତିଶତ ଅଂଚଳକୁ ଅର୍ଥାତ ୧.୪୫ ଲକ୍ଷ ଜନବସତିକୁ ରାସ୍ତା ସଂଯୁକ୍ତ କରାଯାଇ ସାରିଲାଣି । ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ଅଂଚଳକୁ ରାସ୍ତା ସଂଯୋଗ କରିବା ନେଇ ଦୃତ ଗତିରେ କାର୍ଯ୍ୟ ଚାଲୁରହିଛି । ମେରି ସଡକ ଆପ୍ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରାଯାଉଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ୨୦୧୯ ସୁଦ୍ଧା ଗ୍ରାମାଂଚଳରେ ୧ କୋଟି ଗୃହ ନିର୍ମାଣର ଯୋଜନା କରାଯାଇଛି ବୋଲି ସୂଚନା ଦିଆଯାଇଛି ।

## ଜାତୀୟ ପାୱାର ପୋର୍ଟାଲ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୪/୧୨(ଏଜେନ୍ସି) ଶକ୍ତି ଏବଂ ନବୀନ ତଥା ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ଆର କେ ସିଂ ଭାରତୀୟ ବିଦ୍ୟୁତ କ୍ଷେତ୍ରର ସୂଚନା ଏକତ୍ରୀକରଣ ଏବଂ ପ୍ରସାର ପାଇଁ କେନ୍ଦ୍ରୀୟ ପ୍ଲାଟଫର୍ମ-ଜାତୀୟ ପାୱାର ପୋର୍ଟାଲ (ଏନପିପି)ର ଶୁଭାରମ୍ଭ କରିଛନ୍ତି। http://npp.gov.inରେ ଏହି ପୋର୍ଟାଲ ଉପଲବ୍ଧ। ଏନପିପି ଭାରତୀୟ ଶକ୍ତି କ୍ଷେତ୍ର ପାଇଁ ଏକ କେନ୍ଦ୍ରୀଭୂତ ପ୍ରଣାଳୀ ଯାହାକି ଦେଶରେ ବିଜୁଳି ଉତ୍ପାଦନ, ସମ୍ପ୍ରସାରଣ ଏବଂ ବିତରଣ ସହିତ ସମ୍ବନ୍ଧିତ ଦୈନିକ, ମାସିକ ଏବଂ ବାର୍ଷିକ ଅନଲାଇନ ଡାଟା କ୍ୟାପଚର/ଇନପୁଟରେ ସହାୟତା ପ୍ରଦାନ କରିଥାଏ। ଏହି କେନ୍ଦ୍ରୀଭୂତ ପ୍ରଣାଳୀ ବିଭିନ୍ନ ରିପୋର୍ଟ, ଗ୍ରାଫ ଆଦି ଜରିଆରେ ବିଦ୍ୟୁତ କ୍ଷେତ୍ର ସହିତ ସମ୍ବନ୍ଧିତ (ସଂଚାଳନ, କ୍ଷମତା, ଚାହିଦା, ଯୋଗାଣ, ଖର୍ଚ୍ଚ) ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରସାରିତ କରିବ। ଏନପିପି ଡାସ ବୋର୍ଡର ଏହିପରି ଡିଜାଇନ ଏବଂ ବିକାଶ କରାଯାଇଛି ଯାହା ଫଳରେ କି ଏହା ଡିସକମ, ସହର ଫିଡର ସ୍ତର, ଉତ୍ପାଦନ, ବିତରଣ ସମ୍ବନ୍ଧୀୟ ତଥ୍ୟ ଭିଜୁଆଲ ଆର୍ଟ ମାଧ୍ୟମରେ ପ୍ରଦାନ କରିଥାଏ। ଏହି ପ୍ରଣାଳୀ ଫଳରେ ନିୟମିତ ରୂପରେ ପ୍ରକାଶିତ ହେଉଥିବା ବିଭିନ୍ନ ବୈଧାନିକ ରିପୋର୍ଟକୁ ମଧ୍ୟ ଦେଖାଯାଇପାରେ। ମନ୍ତ୍ରଣାଳୟ ଦ୍ୱାରା ପ୍ରଥମେ ବିଦ୍ୟୁତ କ୍ଷେତ୍ର ସହିତ ସମ୍ବନ୍ଧିତ ଆପ ତରଙ୍ଗ, ଉଜାଲା, ବିଦ୍ୟୁତ ପ୍ରବାହ, ଗର୍ବ, ଉର୍ଜା, ମେରିଟ ଏବେ ଏକୀକୃତ ଭାବେ ଏହି ଡାସବୋର୍ଡରେ ରହିବ। ଏନପିପିକୁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧୀକରଣ (ସିଇଏ), ପିଏଫସି, ଆରଇସି ତଥା ଅନ୍ୟ ବଡ କମ୍ପାନୀମାନଙ୍କ ସହିତ ଏକୀକୃତ କରାଯାଇଛି ଏବଂ ଏହା ବିଦ୍ୟୁତ କ୍ଷେତ୍ର ପାଇଁ ଏକମାତ୍ର ପ୍ରାମାଣିକ ସୂଚନା ସ୍ରୋତ ଭାବେ କାମ କରିବ।

## ଦଲାଇଲାମା କରିବାକୁ ଚୀନ ୬୦ ଜଣ ବୌଦ୍ଧଙ୍କୁ ପ୍ରଶିକ୍ଷଣ ଦେଉଛି

ବେଜିଂ , ୧୪/୧୨(ଏଜେନ୍ସି)ଚୀନ ଦଲାଇଲାମାଙ୍କ ପ୍ରଭାବକୁ କ୍ଷୁର୍ଣ୍ଣ କରିବାକୁ ୬୦ ଜଣ ବୌଦ୍ଧ ଭିକ୍ଷୁଙ୍କୁ ପ୍ରଶିକ୍ଷଣ ଦେଉଛି । ୧୬ ବର୍ଷରୁ କମ୍ ୭ ଜଣ ବୌଦ୍ଧ ବାଳକ ଏଭଳି ଅଛନ୍ତି ଯେଉଁମାନେ ତିବ୍‌ବତର ଧର୍ମଗୁରୁ ଭାବେ ଆଗକୁ ଉପସ୍ଥାପିତ ହେବେ । ସେମାନଙ୍କୁ ଜୀବନ୍ତ ବୁଦ୍ଧ କୁହାଯାଉଛି । ପ୍ରକାଶଥାଉ କି ଚୀନ ସରକାର ତିବ୍‌ବତରେ ଦଲାଇଲାମାଙ୍କ ପ୍ରଭାବକୁ ହ୍ରାସ କରିବା ପାଇଁ ୨୦୧୬ରେ ୧୩୦୦ ଜୀବନ୍ତ ବୁଦ୍ଧ ଚିହ୍ନଟ କରିଥିଲା । ଦଲାଇଲାମାଙ୍କ ଦେହାନ୍ତ ପରେ ଜୀବନ୍ତ ବୁଦ୍ଧ ଖୋଜା ପଡିଥାଏ । କିନ୍ତୁ ଚୀନ ଏବେ ଠାରୁ ଏହି କାମରେ ଲାଗିପଡିଛି ।

## ବିବାହ କରିବାରୁ ଶିକ୍ଷକ ଦମ୍ପତିଙ୍କୁ ଛଟେଇ

ଶ୍ରୀନଗର, ୧୪/୧୨(ଏଜେନ୍ସି) ଜମ୍ମୁ-କାଶ୍ମୀର ପୁଲୱାମା ଜିଲ୍ଲାର ପାମ୍ପୋର ଅଞ୍ଚଳରେ ଥିବା ମୁସଲିମ୍ ଏଜୁକେସନାଲ ଇନଷ୍ଟିଚ୍ୟୁଟ୍‌ରେ ଶିକ୍ଷାଦାନ କରୁଥିବା ତାରିକ ଭଟ୍ଟ ଓ ସୁମାୟା ବିବାହ କରିବାରୁ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଛଟେଇ କରିଛନ୍ତି । କିଛି ମାସ ତଳେ ସେମାନଙ୍କର ନିର୍ବନ୍ଧ ହୋଇଥିଲା । ଏହାପରେ ସେମାନେ ଏକ ଭୋଜି ଦେଇଥିଲେ । ଗତ ୩୦ ତାରିଖରେ ସେମାନଙ୍କର ବିବାହ ହୋଇଥିଲା । ବିବାହ ପାଇଁ ସେମାନେ ଛୁଟି ମଧ୍ୟ ନେଇଥିଲେ । କିନ୍ତୁ ଏହି ଶିକ୍ଷକ ଦମ୍ପତି ବିବାହ କରିଥିବାରୁ ସେମାନଙ୍କ ରୋମାନ୍ସ ସ୍କୁଲର ୨୦୦୦ ଛାତ୍ରଛାତ୍ରୀ ଓ ୨୦୦ ଷ୍ଟାଫ୍‌ଙ୍କୁ ନକରାତ୍ମକ ଭାବେ ପ୍ରଭାବିତ କରିବ ବୋଲି ସ୍କୁଲର ପରିଚାଳନା କମିଟିର ଅଧ୍ୟକ୍ଷ ବସିର ମାସୁଦି ଯୁକ୍ତି ଦର୍ଶାଇ ସେମାନଙ୍କୁ ଛଟେଇ କରିଦେଇଛନ୍ତି । ଏହାକୁ ନେଇ ଏହି ଦମ୍ପତି କରିବା ସହ ଆପତ୍ତି କରିଛନ୍ତି । ଏଥିନେଇ ସେମାନେ ଅଦାଲତକୁ ଯିବେ ବୋଲି ସେ କହିଛନ୍ତି ଯେ, ଆମେ ବିବାହ କରିବା ମାନେ ନୁହେଁ ସ୍କୁଲରେ ରୋମାନ୍ସ କରୁଛୁ ।

## ଜିସା ହତ୍ୟା ମାମଲା ଅଭିଯୁକ୍ତକୁ ମୃତ୍ୟୁ ଦଣ୍ଡାଦେଶ

ତିରୁବନନ୍ତପୁରମ, ୧୪/୧୨(ଏଜେନ୍ସି) ଗତବର୍ଷ ଏପ୍ରିଲ ୨୮ ତାରିଖରେ ପେରୁନ୍ ବାହାର ଠାରେ ଘଟିଥିବା ଜିସା ହତ୍ୟାକାଣ୍ଡର ଅଭିଯୁକ୍ତ ଅମିରୁଲ ଇସଲାମକୁ କେରଳର ସ୍ଥାନୀୟ ଦୌରାଜଜ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଅଭିଯୁକ୍ତ ଜିସାଙ୍କୁ ବଳାତ୍କାର କରିବା ପରେ ହତ୍ୟା କରିଥିଲା । ଜିସା ପେରୁନଭାବୁର ସହରରେ ରହି ଆଇନ୍ କଲେଜରେ ପାଠ ପଢୁଥିଲେ । ଅମିରୁଲ ୧୦ ବର୍ଷ ବୟସରେ ଆସାମ ଛାଡି ଏଠାକୁ ଆସିଥିଲା । ତେବେ ଅଭିଯୁକ୍ତ ଅତ୍ୟନ୍ତ ନୃସଂଶ ଭାବେ ଜିସାଙ୍କୁ ହତ୍ୟା କରିବା ପରେ ଝୁରୀରେ ତାଙ୍କ ଗୁପ୍ତାଙ୍ଗକୁ କାଟି ପକାଇଥିଲା । ଗତବର୍ଷ ଜୁନ ୧୬ ତାରିଖରେ ତାକୁ ତାମିଲନାଡୁର କାଞ୍ଚିପୁରମ୍‌ରୁ ଗିରଫ କରାଯାଇଥିଲା । ସେ ହତ୍ୟା କରି ପଳାଇଯାଉଥିବାବେଳେ ଜିସାଙ୍କ ପଡୋଶୀ ତାଙ୍କୁ ଦେଖିଥିଲେ ଓ ସେ ଧରାପଡିବା ପରେ ତାଙ୍କୁ ଚିହ୍ନଟ କରିଥିଲେ । ଏହି ଘଟଣା ୧୫୦୦ରୁ ଅଧିକ ଲୋକଙ୍କ ବୟାନ ଗ୍ରହଣ କରିଥିଲା । ୨୦ ଲକ୍ଷ ମୋବାଇଲ୍ କଲ୍ ଯାଞ୍ଚ କରିଥିଲା, ୫୦୦୦ରୁ ଅଧିକ ଲୋକଙ୍କ ଟିପ୍ ଚିହ୍ନ ପରୀକ୍ଷା ନୀରିକ୍ଷା କରିବା ସହ ୨୩ ଜଣ ଅଭିଯୁକ୍ତଙ୍କ ଡିଏନଏ ପରୀକ୍ଷା କରିବା ପରେ ଅଭିଯୁକ୍ତ ଅମିରୁଲକୁ ଧରିଥିଲା । ଅମିରୁଲ ହତ୍ୟାକାଣ୍ଡ ପରେ କେରଳରୁ ଫେରାର ହୋଇ ଆତ୍ମ ଗୋପନ କରିଥିଲା । ଏହି ଘଟଣାକୁ ନେଇ ଗତ ବର୍ଷ କେରଳ ସମେତ ଦେଶର ବିଭିନ୍ନ ସ୍ଥାନରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

# ଆଇଏନଏସ କାଲବାରୀ ନୌସେନାର ସାମିଲ

ମୁମ୍ବଇ, ୧୪/୧୨(ଏଜେନ୍ସି) ଦୀର୍ଘ ୧୭ ବର୍ଷ ପରେ ଭାରତୀୟ ନୌସେନାରେ ସାମିଲ ହୋଇଛି ଏକ ପାରମ୍ପରିକ ବୁଡା ଜାହାଜ ଆଇଏନଏସ କାଲବାରୀ । ଏଥିରେ କୌଣସି ଆଣବିକ ଯୁଦ୍ଧାସ୍ତ୍ର ନାହିଁ । ଏହା ଡିଜେଲ ଓ ବିଦ୍ୟୁତ୍ ଦ୍ୱାରା ଚାଲିଥାଏ । ମୁମ୍ବାଇର ମାଜାଗାଓଁ ଡକୟାର୍ଡରେ ଏହାର ନିର୍ମାଣ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟରେ ମତଦାନ କରିବା ପରେ ମୁମ୍ବାଇ ଆସି ଏହାର ଜରାବତରଣ କରିଛନ୍ତି । ଏହା ସ୍କର୍ପିନ ବର୍ଗର ସବମେରାଇନ୍ । ଏହାକୁ ସମ୍ପୂର୍ଣ୍ଣ ରୂପେ ଭାରତରେ ନିର୍ମାଣ କରାଯାଇଛି । ଫ୍ରାନ୍ସର ନୌସେନା ଓ ଶକ୍ତି କମ୍ପାନୀ ଡିସିଏନଏସ ଏହାର ଡିଜାଇନ୍ କରିଛନ୍ତି । ୧୫୬୫ ଟନ୍ ବିଶିଷ୍ଟ ଏହି ସବ୍ ମେରାଇନ୍ ଗଭୀର ସମୂଦ୍ରରେ ଶତୃ ଉପରେ ନଜର ରଖିପାରେ । ଏଥିରୁ ଦୂରଗାମୀ କ୍ରୁଜ କ୍ଷେପଣାସ୍ତ୍ର ମଧ୍ୟ ନିକ୍ଷେପ କରାଯାଇପାରେ । ଏହାର ବିଶେଷତ୍ୱ ହେଉଛି ଯେ, ଏହା ସମୂଦ୍ରରେ ତୀବ୍ର ବେଗରେ ଗତି କରୁଥିବାବେଳେ ଏଥିରୁ ଆଦୌ ଶବ୍ଦ ହୁଏ ନାହିଁ ବୋଲି ଚଳେ । ଏହା ଘଣ୍ଟାକୁ ୨୦ ନାଟିକାଲ ମାଇଲ୍‌ରେ ଗତି କରିପାରେ । ଏଥିରେ ଏସଏମ-୩୯ ଏକ୍ସୋସେଟ୍ କ୍ଷେପଣାସ୍ତ୍ର ମୁତୟନ ଅଛି । ଗତ ସେପ୍ଟେମ୍ବର ମାସରେ ଏହାକୁ ନୌସେନା ହାତରେ ଏହାକୁ ଅର୍ପଣ କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ ମୋଟ ୨୩୬୫୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହି ବର୍ଗର ଅନ୍ୟ ୫ଟି ସବମେରାଇନ୍ ୨୦୨୧ ସୁଦ୍ଧା ଭାରତୀୟ ନୌସେନାକୁ ମିଳିଯିବ । ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଦ୍ୱିତୀୟ(ଆଇଏନଏସ ଖାଣ୍ଡେରୀ) ଓ ୨୦୧୯ ଜୁନ୍ ସୁଦ୍ଧା ତୃତୀୟ(ଆଇଏନଏସ କର୍ଣ୍ଣଜ) ଭାରତୀୟ ନୌସେନାକୁ ପ୍ରଦାନ କରାଯିବ । ପ୍ରକାଶଥାଉ କି ୧୯୬୭ରେ ଭାରତ ପ୍ରଥମେ ରୁଷିଆ ଠାରୁ ଏଭଳି ଏକ ପରମ୍ପରିକ ସବ୍‌ମେରାଇନ୍ କ୍ରୟ କରିଥିଲା । ତାହା ମଧ୍ୟ ସେକେଣ୍ଡ ହ୍ୟାଣ୍ଡ ଥିଲା ଅର୍ଥାତ ଏହାକୁ ପୂର୍ବରୁ ବ୍ୟବହାର କରାଯାଇଥିଲା । ତେବେ ୨୦୦୦ ମସିହାରୁ ଏଭଳି ପାରମ୍ପରିକ ସବମେରାଇନ୍‌ର ବ୍ୟବହାର ବନ୍ଦ ଥିଲା । ଏହାଦ୍ୱାରା ଶତୃ, ତସ୍କର ମାନଙ୍କୁ ସହଜରେ ଟାର୍ଗେଟ୍ କରିହେବ ।



# ସୁନ୍ଦରଗଡ ଜିଲ୍ଲା ସମାଚାର

## ଡାକ୍ତରଖାନାର ବିଚିତ୍ର ନୀତି

### ସ୍ତ୍ରୀର ଚିକିତ୍ସା ଖର୍ଚ୍ଚ ପାଇଁ ସ୍ୱାମୀ ଖଟୁଛନ୍ତି ଡାକ୍ତରଖାନାରେ



**ନିରାମୟ ଯୋଜନାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି**

ରାଉରକେଲା, ୧୪/୧୨ (ଶ୍ରୁ.ମି): ରାଜ୍ୟରେ ବସବାସ କରୁଥିବା ଗରିବ ଲୋକମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିରାମୟ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାଉରକେଲାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀର ଚିକିତ୍ସା ପାଇଁ ଟଙ୍କା ଦେଇନପାରିବାରୁ ଡାକ୍ତରଖାନାରେ କାମ କରି ସ୍ତ୍ରୀର ଚିକିତ୍ସା କରାଇବା ପାଇଁ ବାଧ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଜଳଦା ସି-ବ୍ଲକ ଅଞ୍ଚଳର ସୁଦର୍ଶନ ନନ୍ଦ ଗୌଡ ନିଜ ପତ୍ନି ବିଶାଖାଙ୍କ ଗୋଡ ଭାଙ୍ଗିଯିବା ପରେ ଅର୍ଥ ଅଭାବରୁ ନିୟମିତ ଚିକିତ୍ସା କରାଇନପାରିବାରୁ ଗୋଡଟି ସେପ୍ଟିକ୍ ହୋଇଯାଇଥିଲା। ତେବେ ରେଳବାଇ ଥାନା ଅଧିକାରୀଙ୍କ ପ୍ରୟାସ କ୍ରମେ ସୁର୍ଦଶନ ନିଜ ପତ୍ନି ବିଶାଖାଙ୍କୁ ନେଇ ଗତ ୨୮/୧୧/୧୭ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ ଗୋଡ ସମ୍ପୂର୍ଣ୍ଣ ଭଲ ହୋଇନଥିବାବେଳେ ଡାକ୍ତର ତାଙ୍କୁ ୪/୧୨/୧୭ରେ ଡିସଚାର୍ଜ କରିଦେଇଥିଲେ। ତେବେ ସମ୍ପୂର୍ଣ୍ଣ ଭଲ ହୋଇନଥିବା ସ୍ତ୍ରୀକୁ କେଉଁଠାକୁ ନେବି ବୋଲି କହି ସୁଦର୍ଶନ କାକୁତିମିନତି ହୋଇ ସେହି ବେଡ୍‌ରେ ପତ୍ନି ବିଶାଖାଙ୍କୁ ରଖିଛନ୍ତି। ତେବେ ପତ୍ନିକୁ ମାଗଣା ଚିକିତ୍ସା କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ସୁଦର୍ଶନଙ୍କୁ ଅନ୍ୟ ରୋଗୀମାନଙ୍କର କାମ ସହିତ ଅନ୍ୟାନ୍ୟ କାମ କରାଉଥିବା ଅଭିଯୋଗ ହୋଇଛି। ବାଧ ହୋଇ ଗରିବ ସୁଦର୍ଶନ କୌଣସି ଉପାୟ ନପାଇ ପତ୍ନିର ମାଗଣା ଚିକିତ୍ସା ପାଇଁ ଡାକ୍ତରଖାନାରେ ନିଜେ ଖଟୁଥିବା ଜଣାପଡିଛି।

## ନାବାଳିକାକୁ ଧର୍ଷଣ ଅଭିଯୁକ୍ତ ଗିରଫ

କୁତ୍ରା, ୧୪/୧୨ (ଶ୍ରୁ.ମି): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା କୁତ୍ରା ଥାନା ଅଞ୍ଚଳର କଲେଇମୁଣ୍ଡା ଗ୍ରାମ ପଞ୍ଚାୟତର କୁମୁଙ୍ଗା ଗ୍ରାମରେ ରହୁଥିବା ଅରବିନ୍ଦ କୁଜୁର ନାମକ ଜଣେ ଯୁବକ ସେହି ଅଞ୍ଚଳର ଜନୈକ ନାବାଳିକାକୁ ଜୋରଜବରଦସ୍ତ ଧର୍ଷଣ କରିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ କେସ୍ ରୁଜୁ କରି ନାବାଳିକାର ଡାକ୍ତରମାଇନା ପାଇଁ ପଠାଇଥିବା ବେଳେ ଅଭିଯୁକ୍ତ ଅରବିନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ଡୁଲିଙ୍ଗା କୋଇଲା ଖଣିରୁ ଉତ୍ତୋଳନ ମାମଲା

## ବିରୋଧ ଯୋଗୁଁ ଭୂମି ପୂଜନ ବାତିଲ

ହେମଗିରି, ୧୪/୧୨ (ଶ୍ରୁ.ମି): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ହେମଗିରି ବ୍ଲକର ଡୁଲିଙ୍ଗା ଠାରେ ଏନ୍‌ଟିପିସି ଦ୍ୱାରା ଅଧିକୃତ ହୋଇଥିବା ସ୍ଥାନରେ କୋଇଲା ଉତ୍ତୋଳନ ପାଇଁ ଗତକାଲି କମ୍ପାନୀ ପକ୍ଷରୁ ଭୂମି ପୂଜନ ପାଇଁ ବ୍ୟାପକ ଆୟୋଜନ ହୋଇଥିଲା। ତେବେ ଏହି ଅଞ୍ଚଳର ଲୋକମାନଙ୍କୁ କେବଳ ଜମି ବାବଦରେ ଅର୍ଥ ଦିଆଯାଇଥିବାବେଳେ ଘର ଏବଂ ଘରେ ଥିବା କୂଅ ସମେତ ଅନ୍ୟାନ୍ୟ କ୍ଷତିପୂରଣ ଆଜି ପର୍ଯ୍ୟନ୍ତ ମିଳିନଥିବାରୁ ଆଖପାଖର ଶତାଧିକ ଗ୍ରାମବାସୀମାନେ ଭୂମି ପୂଜନ ସ୍ଥଳକୁ ମାଡିଆସି ଭୂମି ପୂଜନ ଉତ୍ସବକୁ ବନ୍ଦ କରାଇ ଦେଇଥିଲେ। ଲୋକମାନଙ୍କ ଉଗ୍ର ରୂପ ଦେଖି ଶେଷରେ କର୍ତ୍ତୃପକ୍ଷ ଭୂମିପୂଜନ ଉତ୍ସବକୁ ବାଧ ହୋଇ ବାତିଲ କରିଥିବା ଜଣାପଡିଛି।

## ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା



ତାଳଚେର, ୧୪/୧୨ (ଶ୍ରୁ.ମି): ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତର ମଝୀକାସ୍ଥିତ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଏକ ପ୍ରାଣାୟମ ସଚେତନତା ଓ ଯୋଗ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଭାରତ ସ୍ୱାଭିମାନ ଟ୍ରଷ୍ଟ, କଳମଛୁଇଁ ଶାଖା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ଦୈତାରୀ ସାହୁ ଅଧକ୍ଷତା କରିଥିଲେ । ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଦଣ୍ଡଧର ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ସାହୁ, ସମାଜସେବୀ ସୁଭାଷ ଚନ୍ଦ୍ର ପ୍ରଧାନ, କଳମଛୁଇଁ ସମିତି ସଦସ୍ୟା କୁମୁଦିନୀ ସାହୁ, ସାମ୍ବାଦିକ ରଙ୍ଗାଧର ନାୟକ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପାଠାଗାରର ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଭାରତ ସ୍ୱାଭିମାନ ମଞ୍ଚ, ଅନୁଗୋଳ ଜିଲ୍ଲା ପ୍ରଭାରୀ ସୁଧାଂଶୁ ଶେଖର ଦାସ ଏବଂ ଜିଲ୍ଲା ସମ୍ପର୍କ ଓ କାର୍ଯ୍ୟାଳୟ ପ୍ରଭାରୀ ବୈଦ୍ୟନାଥ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଶିବିର ପରିଚାଳିତ ହୋଇଥିଲା। ଶିବିର ପରିଚାଳନାରେ ବରିଷ୍ଠ ଯୋଗ ଶିକ୍ଷୟତ୍ରୀ ଅମିତା ପ୍ରଧାନ, ମିତାଲି ବେହେରା ସହଯୋଗ କରିଥିଲେ । ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଯୋଗ, ପ୍ରାଣାୟମ, ଆସନ, ମୁଦ୍ରା ଆଦି ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ସହ ଏହା ଆମ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାକୁ ବିକାଶ କରିବାରେ ସହାୟକ ହୋଇପାରିବ ବୋଲି ଜିଲ୍ଲା ପ୍ରଭାରୀ ଶ୍ରୀ ଦାସ ପ୍ରକାଶ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ଦିଗରେ ଯୋଗ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଆସନ ଓ ପ୍ରାଣାୟମର ଅଭ୍ୟାସ କରିଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପାଠାଗାରର ସଭାପତି ହାଡିବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପାଠାଗାରର ଉପଦେଷ୍ଟା ପ୍ରଭାକର ପ୍ରଧାନ, କୋଷାଧକ୍ଷ ଦୟାନିଧି ସାହୁ, ଜଗବନ୍ଧୁ ବାରିକ, ଅଜିତ୍ ପ୍ରଧାନ, କବିରାଜ ସାହୁଙ୍କ ସମେତ ଆଚାର୍ଯ୍ୟ ଶରତ ଚନ୍ଦ୍ର ଦାସ, ଜ୍ୟୋର୍ତିମୟୀ ସେନାପତି, ସୁଶ୍ରୀ ତ୍ରିପାଠୀ, ବୈଦେହୀ ସାହୁ, ପ୍ରକାଶ ଚନ୍ଦ୍ର ପ୍ରଧାନ, ରବିନ୍ କୁମାର ବଳ, ତ୍ରିଲୋଚନ ବେହେରା, ସରିତା ନାୟକ, ଅଭୟ ସାହୁ, ସୁବାସ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଦୁର୍ନୀତିକୁ ନେଇ ପିଡବ୍ଲ୍ୟୁଡି ଅଫିସ ସମ୍ମୁଖରେ ବିଜେପିର ବିକ୍ଷୋଭ



ରାଉରକେଲା, ୧୪/୧୨ (ଶ୍ରୁ.ମି): ରାଉରକେଲା ଠାରେ ଥିବା ପିଡବ୍ଲ୍ୟୁଡି ଅଫିସରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆଜି ବିଜେପି ପାନପୋଷ ଜିଲ୍ଲା ପକ୍ଷରୁ ଉଦୀତନଗର ଠାରେ ଥିବା ପିଡବ୍ଲ୍ୟୁଡି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାନପୋଷ ଜିଲ୍ଲା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ବରିଷ୍ଠ ନେତା ନିହାର ରାୟ, ଶୈଳେନ୍ଦ୍ର ମହାନ୍ତି, ବିନ୍ଦର ସିଂହ, ଭଗବାନ ରାଉତ, ଦୀପକ ତିୱାରୀ, ବିଜୟ ଖାଲ୍‌କୋ, ଓମପ୍ରକାଶ ଖଣ୍ଡେଲୱାଲ, ନୃସିଂହ ଜେନା, ପ୍ରବାଳ ବାରିକ, ଅମୀୟ ଦାସଙ୍କ ସମେତ ବହୁ କର୍ମୀମାନେ ଭାଗ ନେଇଥିଲେ। ବିକ୍ଷୋଭକାରୀମାନଙ୍କ ଅଭିଯୋଗ ଅନୁଯାୟୀ ପିଡବ୍ଲ୍ୟୁଡି ବିଭାଗରେ ସମ୍ପ୍ରତି ପିସି କାରବାର ହୋଇ ଅନେକ ସ୍ଥାନରେ ନିମ୍ନମାନର କାମ ହୋଇଥିବାବେଳେ ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ରାଜ୍ୟ ମୁଖ୍ୟମନ୍ତ୍ରୀ ପିସି କାରବାରକୁ ବନ୍ଦ କରିବା ପାଇଁ କହୁଥିବାବେଳେ ଏଠି ସରକାରୀ ସ୍ତରରେ ଚାଲୁଥିବା ପିସି କାରବାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରି ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ସ୍ଲୋଗାନମାନ ଦେଉଥିବା ଦେଖାଯାଇଥିଲା।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟବସାୟୀ ଆହତ



ଲହୁଣୀପଡା, ୧୪/୧୨ (ଶ୍ରୁ.ମି): ଲହୁଣୀପଡା ଥାନା ଅଞ୍ଚଳରେ ଥିବା ଉଲସୁରୋଇ ଛକ ନିକଟରେ ରେସନ ଦୋକାନ ଏବଂ କୁକୁଡା ଫାର୍ମ କରିଥିବା ରାଜ କୁମାର ମହାନ୍ତ ଗତକାଲି ନିଜ ଦୋକାନରେ ଥିବାବେଳେ ୩ ରୁ ୪ ଜଣ ଦୁର୍ବୃତ୍ତମାନେ ଆସି କୁକୁଡା କିଣିବା ଆଳରେ ରାଜକୁମାରଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ରାଜକୁମାର ଗୁରୁତର ଭାବେ ଆହତ ହୋଇଥିଲେ। ଏସମ୍ବନ୍ଧରେ ଖବର ପାଇ ପୁଲିସ ପହଞ୍ଚି ଗୁରୁତର ଭାବେ ଆହତ ହୋଇଥିବା ରାଜକୁମାରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିବାବେଳେ ପୁଲିସ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିବା ଜଣାପଡିଛି।

## ଚାଷୀଙ୍କ କାମରେ ଆସୁନାହିଁ ଚେକ୍ ଡ୍ୟାମ

ଝୁମ୍ପୁରା, ୧୪/୧୨ (ଶ୍ରୁ.ମି): ସଂପ୍ରତି ସରକାର ଚାଷୀର ଉନ୍ନତି କରିବା ସହିତ ଚାଷୀଙ୍କ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ପ୍ରତି ଆର୍ଥିକ ବର୍ଷରେ ନୂଆନୂଆ ଯୋଜନା କରୁଛନ୍ତି। ଏହି ଯୋଜନାକୁ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାର ଜିଲାସ୍ତରରୁ ଆରମ୍ଭ କରି ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କର୍ମଚାରୀ ନିଯୁକ୍ତି କରିଛନ୍ତି। କିନ୍ତୁ ଅଧିକାରୀମାନେ ଚାଷୀଙ୍କ ଉନ୍ନତି ପାଇଁ ଆସୁଥିବା ଯୋଜନା ଗୁଡିକ ଠିକଣା ସମୟରେ କାର୍ଯ୍ୟକାରି କରୁନଥିବା ଚାଷୀଙ୍କ କାମରେ ଆସିପାରୁ ନାହିଁ ବୋଲି ଚାଷୀମାନଙ୍କ ତରଫରୁ ଅଭିଯୋଗ ହେଉଛି। ଝୁମ୍ପୁରା ବ୍ଲକ କୁଟୁଗାଁ ପଞ୍ଚାୟତର ନାଉପାଣି ଗ୍ରାମଦେଇ ପ୍ରବାହିତ ହେଉଥିବା ନାଳରେ ଚେକ୍‌ଡ୍ୟାମ ନିର୍ମାଣ କରି ଚାଷୀଙ୍କ ଚାଷ ଜମିକୁ ପାଣି ଯିବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଚାଷ କାମ ପାଇଁ ନିର୍ମାଣ ହେଉଥିବା ଚେକ୍‌ଡ୍ୟାମ ଗୁଡିକ ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଭାଙ୍ଗି ପଡୁଥିବାରୁ ସରକାରଙ୍କ ଯୋଜନା ଫେଲ ମାରୁଛି ବୋଲି ନାଉପାଣି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଚେକ୍ ଡ୍ୟାମ୍‌ଟି ଠିକ୍ ଥିବା ସମୟରେ ଏହି ଗ୍ରାମର ଚାଷୀମାନେ ପାଣିକୁ ସଂରକ୍ଷଣ ରଖି ଶୀତ ଦିନରେ ଆଳୁ, ବିଲାତ ବାଇଗଣ, ଭେଣ୍ଡି, ଜହ୍ନି, କାକୁଡି, ପିଆଜ, ରସୁଣ ସହିତ ବିଭିନ୍ନ ପ୍ରକାର ଶାଗ ଚାଷ କରିଥାନ୍ତି। ଏହି ପନିପରିବାକୁ ବିକ୍ରୀ କରି ଚାଷୀମାନେ ସେମାନଙ୍କ ଗୁଜୁରାଣ ମେଣ୍ଟାଇ ଆସୁଥିଲେ। କିନ୍ତୁ ଚେକ୍‌ଡ୍ୟାମ ଟି ଭାଙ୍ଗିଯିବା ଫଳରେ ବର୍ତ୍ତମାନ ପାଣି ରହୁନଥିବାରୁ ଚାଷୀମାନେ ଚଳିତ ବର୍ଷ ପନିପରିବା ଚାଷ କରିବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଭଙ୍ଗା ଚେକ ଡ୍ୟାମଟିକୁ ମରାମତି କରିବା ପାଇଁ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ ଅଫିସ ଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଦାବି କରି ଆସୁଥିଲେ ମଧ୍ୟ ଭଙ୍ଗା ଚେକ୍ ଡ୍ୟାମକୁ ମରାମତି କରିବା ଦିଗରେ ବିଭାଗ ଆଦୌ ଧ୍ୟାନ ଦେଉନାହାନ୍ତି। ଏହି ଚେକ୍ ଡ୍ୟାମ ନିର୍ମାଣ କରିବା ଦିଗରେ ବ୍ଲକ ପ୍ରଶାସନ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ନବୀନଙ୍କ ନେତୃତ୍ୱରେ ଓଡିଶା ବିକାଶ ପଥରେ ଆଗେଇ ଚାଲିଛି : ଅମରେଶ ପଣ୍ଡା



### ରାଜଗାଙ୍ଗପୁରରେ ବିଜେଡିର ପଥପ୍ରାନ୍ତ ସଭା

ରାଜଗାଙ୍ଗପୁର, ୧୪/୧୨ (ଶ୍ରୁ.ମି): ବିଜେଡି ସୁପ୍ରିମୋ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ନେତୃତ୍ୱରେ ଓଡିଶା ବିକାଶ ପଥରେ ଆଗେଇ ଚାଲିଛି ବୋଲି ରାଜଗାଙ୍ଗପୁର ଟାଉନ ବିଜେଡି ଶାଖା ସଭାପତି-ଅମରେଶ ପଣ୍ଡା କହୁଛନ୍ତି। ନବୀନଙ୍କ ନେତୃତ୍ୱରେ ଓଡିଶାରେ ଆଗେଇ ଚାଲିଥିବା ଅନେକ ଜନହିତକର ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ସହିତ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ପୂର୍ବରୁ ଓଡିଶାକୁ ଆସୁଥିବା ଅନୁଦାନ ମଧ୍ୟରୁ ଗୋଟିଏ ପରେ ଗୋଟିଏ ଅନୁଦାନକୁ କାଟି ଓଡିଶା ପ୍ରତି ବୈମାତୃକ ଭାବନା ପୋଷଣ କରୁଥିବା କଥାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ରାଜଗାଙ୍ଗପୁର ତଥା ଏହାର ଆଖପାଖରେ ବସବାସ କରୁଥିବା ଜନତାଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଗତ ବୁଧବାର ଲିପଲୋଇ ଜଗନ୍ନାଥ ମନ୍ଦିରରୁ ବିଧାୟକ ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବାଣ୍ଡୁପଡା, ତଲକିପଡା, ମଧୁସୂଦନ କଲୋନୀ, ଭାଟାପଡା, ରବନୀ ଛକ ଆଦି ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ପୌରାଧକ୍ଷ ଶ୍ରୀମତୀ ସୁଶ୍ରୀତା ପାଇକରାୟ, ଉପାଧକ୍ଷ ଅଶୋକ ଦାସଙ୍କ ସମେତ ସମସ୍ତ କାଉନସିଲରମାନେ ମଧ୍ୟ ଭାଗ ନେଇଥିଲେ।

## ମଣ୍ଡି ଖୋଲିବା ବିଳମ୍ବ ନେଇ ବେପାରୀଙ୍କୁ ଧାନ ବିକ୍ରୀ କରି ଚାଷୀ କ୍ଷତିଗ୍ରସ୍ତ

ଝୁମ୍ପୁରା, ୧୪/୧୨ (ଶ୍ରୁ.ମି): ଝୁମ୍ପୁରା ବ୍ଲକରେ ରହିଥିବା ସମବାୟ ସମିତିଗୁଡିକ ମଣ୍ଡି ଖୋଲିବାରେ ବିଳମ୍ବ କରୁଥିବାରୁ ଏହାର ସୁଯୋଗ ନେଇ ବେପାରୀମାନେ ଚାଷୀଙ୍କ ଠାରୁ ଶସ୍ତାରେ ଧାନ କିଣି ନେଉଥିବା ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟ ସରକାର ନଭେମ୍ବର ପହିଲାରୁ ଧାନ କିଣା ଯିବ ବୋଲି ଘୋଷଣା କରିଥିଲେ ମଧ୍ୟ ସମବାୟ ସମିତିଗୁଡିକ ଚାଷୀଙ୍କ ଧାନ କିଣିବାରେ ବିଳମ୍ବ କରୁଥିବାରୁ ଏହାର ସୁଯୋଗ ନେଇ ବେପାରୀମାନେ ଚାଷୀଙ୍କ ଠାରୁ ଶସ୍ତା ଦରରେ ଧାନକୁ କିଣି ଝାରଖଣ୍ଡ ଅଞ୍ଚଳକୁ ଚାଲାଣ କରିଚାଲିଥିଲେ ମଧ୍ୟ ଯୋଗଣ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ପଡିପାରୁ ନାହିଁ। ଚାଷୀମାନେ ବିଶେଷ କରି ଚାଷ କାମ ଆରମ୍ଭ କରିବା ପୂର୍ବରୁ ହାତ ଉଧାର, ମହାଜନ କରଜ ଓ ବ୍ୟାଙ୍କରୁ ଋଣ କରି ଚାଷ କରିଥାନ୍ତି। ଧାନ ଅମଳ ହେଲା ପରେ ଏହି ଋଣ ପରିଶୋଧ କରିବା ପାଇଁ ମାହାଜନକୁ ପ୍ରତିଶ୍ରୁତି ଦେଇଥାନ୍ତି। ବର୍ତ୍ତମାନ ଚାଷୀଙ୍କ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ସରକାରୀ କର୍ମଚାରୀମାନେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ କରୁଥିବାରୁ ଚାଷୀମାନେ ଋଣ ପରିଶୋଧ କରିବା ପାଇଁ ବେପାରୀ ପାଖରେ ଧାନ ବିକ୍ରୀ କରିବା ପାଇଁ ବାଧ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଡିସେମ୍ବର ପହିଲା ଧାନ କରିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ଆଜକୁ ୧୪ ଦିନ ଅତିକ୍ରମ କରିସାରିଲାଣି ତଥାପି ମଣ୍ଡି ଖୋଲୁ ନାହିଁ। ହାତ ଉଧାରୀ କରିଥିବା ମହାଜନମାନେ ଟଙ୍କା ପାଇଁ ବର୍ତ୍ତମାନ ଦାବି କରୁଥିବାରୁ ଚାଷୀମାନେ ବାଧ ହୋଇ ବେପାରୀକୁ ୧୧ଶହରୁ ୧୨ଶହ ମଧ୍ୟରେ ଧାନ କ୍ୱିଣ୍ଟାଲ ବିକ୍ରୀ କରିବା ପାଇଁ ବାଧ ହେଉଛନ୍ତି। ସରକାର ୧୫୫୦ ଟଙ୍କା ଧାନ କ୍ୱିଣ୍ଟାଲ ଦର ଧାର୍ଯ୍ୟ କରିଛନ୍ତି ସତ କିନ୍ତୁ ସରକାରୀ ମଣ୍ଡିରେ ଧାନ ବିକ୍ରୀ କଲେ କେବେ ଟଙ୍କା ମିଳିବ ତାର ଠିକ୍ ଠିକଣା ନଥିବାରୁ ଚାଷୀମାନେ ବେପାରୀକୁ ନଗଦା ନଗଦି ଟଙ୍କାରେ ଧାନ ବିକ୍ରୀ କରି ମହାଜନକୁ ଟଙ୍କା ଫେରସ୍ତ କରୁଛନ୍ତି। ଝୁମ୍ପୁରା ବ୍ଲକରେ ଝୁମ୍ପୁରା ସମେତ ଉଖୁଣ୍ଡା, ବାଲିବନ୍ଧ ଏବଂ ଚଉଠିଆରେ ସମବାୟ ସମିତି ରହିଛି। ଏହି ସମବାୟ ସମିତି ଗୁଡିକ କେବେ ଧାନ ଚାଷୀଙ୍କ ଠାରୁ କିଣିବ ତା'ର ଠିକ୍ ଠିକଣା ନଥିବା ଜଣାଯାଇଛି। ବର୍ତ୍ତମାନ ବ୍ଲକର ୨୨ ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବେପାରୀମାନେ ପଶି ଚାଷୀଙ୍କ ଠାରୁ ଶସ୍ତାରେ ଧାନକୁ କିଣି ଝାରଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଉଛନ୍ତି। ଧାନ ମଣ୍ଡି କେବେ ଖୋଲିବ ବୋଲି ଝୁମ୍ପୁରା ସମବାୟ ସମିତିର ଏମ୍‌ଡି ସସ୍ମିତା ପ୍ରଧାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇପାରିନଥିଲା । ଚାଷୀଙ୍କ ଧାନ କିଣିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

## କକାକୁ ହତ୍ୟା, ପୁତୁରା ସମେତ ୨ ଗିରଫ



କିଞ୍ଜିରିକେଲା, ୧୪/୧୨ (ଶ୍ରୁ.ମି): ସୁନ୍ଦରଗଡ ପୁଲିସ ଜିଲ୍ଲା ଅଧିନରେ ଥିବା କିଞ୍ଜିରିକେଲା ଥାନା ଅଞ୍ଚଳର ବ୍ରାହ୍ମଣମରା ଗ୍ରାମରେ ରହୁଥିବା ନେହେରୁ ପ୍ରଧାନ ନାମକ ଜଣେ ବ୍ୟକ୍ତି କୌଣସି କାମରେ ଯାଇ ଘରକୁ ଫେରୁଥିବାବେଳେ ଗ୍ରାମ ନିକଟରେ ଥିବା କୁକୁଡା ନାଳ ଉପରେ ନିର୍ମାଣ ହୋଇଥିବା ପୋଲରେ ପୂର୍ବରୁ ଜଗି ରହିଥିବା ନେହେରୁଙ୍କ ପୁତୁରା ଗୌରହରୀ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଏବଂ ଯୋଗେଶ୍ୱର ମାଝୀ ନାମକ ଅନ୍ୟ ଯୁବକ ମିଶି ନେହେରୁଙ୍କୁ ବାଡ଼ୁ କରି ମାଡ ମାରି ଆହତ କରିବା ପରେ ପୋଲ ତଳକୁ ଆଣି ହତ୍ୟା କରିଥିଲେ। ତେବେ ହତ୍ୟାକାଣ୍ଡ ସମୟରେ ସେହି ମାର୍ଗଦେଇ ପାଟ୍ରୋଲିଂ କରୁଥିବା ବନବିଭାଗ କର୍ମଚାରୀଙ୍କ ନଜରରେ ପଡିଯିବାରୁ ହତ୍ୟାକାରୀମାନେ ଦୌଡି ପଳାଉଥିବାବେଳେ ରାଜେନ୍ଦ୍ର ପ୍ରଧାନ ଏବଂ ତା'ସହଯୋଗୀ ଯୋଗେଶ୍ୱରଙ୍କୁ ବନବିଭାଗ କର୍ମଚାରୀମାନେ କାବୁ କରିବାରେ ସକ୍ଷମ ହୋଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ବୋଲାଉଥିବା ମୃତ ନେହେରୁଙ୍କ ବଡ ପୁତୁରା ଗୌରହରି ଫେରାର ହୋଇଯାଇଥିଲା। ପରେ ପୁଲିସ ପହଞ୍ଚି ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।

## ଲାଞ୍ଚୁଆ ସହକାରୀ ଯନ୍ତ୍ରୀ ଚାକିରୀରୁ ବହିଷ୍କୃତ



ବୀରମିତ୍ରପୁର, ୧୪/୧୨ (ଶ୍ରୁ.ମି): ନିଜ ଚାକିରୀ କାଳରେ ଏକାଧିକ ଥର ଲାଞ୍ଚ ନେଇ ଧରାଡପିଥିବା ଜଣେ ସହକାରୀ ଯନ୍ତ୍ରୀଙ୍କୁ ଶେଷରେ ରାଜ୍ୟ ସରକାର ଚାକିରୀରୁ ବହିଷ୍କୃତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ସମ୍ପ୍ରତି ବୀରମିତ୍ରପୁର ପୌରପାଳିକାରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଚକ୍ରଧର ଭୂୟାଁ, ବୀରମିତ୍ରପୁର କଣ୍ଟ୍ରାକ୍ଟର କଲୋନୀରେ ରହୁଥିବା ଯୋଗେଶ୍ୱର ଶର୍ମା ନାମକ ଜଣେ ଠିକାଦାରଙ୍କ ସିକ୍ୟୁରିଟି ଜମା ବାବଦରେ ୧,୦୭,୪୬୨ ଟଙ୍କା ପାସ୍ କରିବା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ଶ୍ରୀ ଭୂୟାଁଙ୍କ ନାମରେ ଚାର୍ଜସିଟ୍ କରିଥିଲେ। ତେବେ ଏହା ପୂର୍ବରୁ ଶ୍ରୀ ଭୂୟାଁ ସୁବର୍ଣ୍ଣପୁରରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ଏକ ନିର୍ମାଣାଧିନ ଘରର ବିଲ୍ ପାସ କରିବା ପାଇଁ ରାତ୍ର କୁମାର ମାହାଲିଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେବାବେଳେ ଗତ ୨୯/୨/୨୦୧୧ରେ ଧରାପଡିଥିଲେ। ଏହି ମାମଲାରେ ବିଚାର କରି ମାନ୍ୟବର ଭିଜିଲାନ୍ସ କୋର୍ଟ ବଲାଙ୍ଗୀର ଶ୍ରୀ ଭୂୟାଁଙ୍କୁ ୧ ବର୍ଷ ଜେଲ ଦଣ୍ଡ ଏବଂ ୫୦୦୦ଟଙ୍କା ଜୋରିମାନା ଦେବା ପାଇଁ ଆଦେଶ ଦେଇଥିଲେ। ଶ୍ରୀ ଭୂୟାଁ ବାରମ୍ବାର ଲାଞ୍ଚନେବା ଅଭ୍ୟାସ ଏବଂ ପୂର୍ବ ରେକର୍ଡକୁ ଦେଖି ବର୍ତ୍ତମାନ ରାଜ୍ୟ ନଗର ଉନ୍ନୟନ ବିଭାଗ ଶ୍ରୀ ଭୂୟାଁଙ୍କୁ ଚାକିରୀରୁ ବହିଷ୍କାର କରିଥିବା ଜଣାପଡିଛି।

## ଆରଏସ୍‌ପିରେ ସୁରକ୍ଷାକୁ ନେଇ ସିଆଇଟିୟୁର ବିକ୍ଷୋଭ



ରାଉରକେଲା, ୧୪/୧୨ (ଶ୍ରୁ.ମି): ରାଉରକେଲା ଇସ୍ପାତ କାରଖାନାରେ ନିୟମିତ ବ୍ୟବଧାନରେ ଘଟୁଥିବା ଦୁର୍ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଶ୍ରମିକ ସଂଗଠନ ସିଆଇଟିୟୁ ପକ୍ଷରୁ ଆଜି ଉଦୀତନଗର ଠାରେ ଥିବା ଉପନିର୍ଦ୍ଦେଶକ ଫେକ୍ଟ୍ରିଜ ଏଣ୍ଡ ବଏଲର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ଆରଏସ୍‌ପିରେ ଘଟୁଥିବା ଦୁର୍ଘଟଣାର ନିୟମିତ ତଦନ୍ତ କରି ସୁରକ୍ଷା ବ୍ୟବସ୍ଥାକୁ କଡାକଡି ପାଳନ କରିବା ପାଇଁ ଆରଏସ୍‌ପିକୁ ଦାଗିଦ କରିବା ପରେ ସିଆଇଟିୟୁ ପକ୍ଷରୁ ଦାବି କରାଯାଇଥିଲା। କାରଣ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ପାଳନ କରିବା ସହିତ ଏସ୍‌ଓପି ଏବଂ ଏସ୍‌ଏମ୍‌ପିର ନିୟମ ପାଳନ କଲେ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁ ନେତା ବିମାନ ମାଇତି, ଅଜୟ ଶର୍ମା, ଶ୍ରୀମନ୍ତ ବେହେରା, ବିପି ମହାପାତ୍ର, ସୁରେନ୍ଦ୍ର ଦାସ, ବସନ୍ତ ନାଏକ, ରାଜକିଶୋର ପ୍ରଧାନଙ୍କ ସମେତ ବହୁ କର୍ମୀମାନେ ଉପସ୍ଥିତ ଥିଲେ।

## ଶକ୍ତି ସଂରକ୍ଷଣ ଦିବସ ପାଳିତ



ରାଉରକେଲା, ୧୪/୧୨ (ଶ୍ରୁ.ମି): ରାଜ୍ୟ ସରକାରଙ୍କ ଶକ୍ତିବିଭାଗ ଏବଂ ପରିବେଶ ମନ୍ତ୍ରାଳୟ ଦ୍ୱାରା ଆଜି ରାଜ୍ୟର ସମସ୍ତ ଜାଗାରେ ଶକ୍ତି ସଂରକ୍ଷଣ ୨୦୧୭ ପାଳିତ ହୋଇଯାଇଛି। ଏହି କ୍ରମରେ ଆଜି ଉଦୀତନଗର ହାଇସ୍କୁଲର ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡମାନ ଧରି ଏକ ଶୋଭାଯାତ୍ରାରେ ବାହାରି ସହରର ବିଭିନ୍ନ ମାର୍ଗ ପରିକ୍ରମା କରି ଶକ୍ତି ସଂରକ୍ଷଣ ସହିତ ପରିବେଶକୁ ସୁରକ୍ଷିତ ଓ ସବୁଜ ରଖିବାକୁ ନେଇ ସାଧାରଣାରେ ସଚେତନତା ସୃଷ୍ଟି କରିଥିଲେ।

## ଦରଦାମ ବୃଦ୍ଧି ପ୍ରତିବାଦରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା, ୧୪/୧୨ (ଶ୍ରୁ.ମି): ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ସିଆଇଟିୟୁ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯିବା ସହିତ ଦରଦାମ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ବିରୁଦ୍ଧରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ସିଆଇଟିୟୁର କର୍ମକର୍ତ୍ତାମାନେ ଗତକାଲି ସ୍ଥାନୀୟ ବିଶ୍ରା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁର ନେତା ଜାହାଙ୍ଗିର ଅଲ୍ଲୀ , ଶ୍ରୀମନ୍ତ ବେହେରା, ବିପି ମହାପାତ୍ର , ବସନ୍ତ ନାଏକ, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାସଙ୍କ ସମେତ ବହୁ କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ।



## ବିଭିନ୍ନ ଦାବି ନେଇ କଲେଜ ସମ୍ମୁଖରେ ଧାରଣା



ରାଉରକେଲା, ୧୪/୧୨ (ଶ୍ରୁ.ମି): ରଘୁନାଥପାଲ୍ଲୀ ଥାନା ଅଞ୍ଚଳରେ ଥିବା ସିଭିଲଟାଉନସିପ୍ ସ୍ଥିତ ଗାୟତ୍ରୀ ସାଇନ୍ସ କଲେଜରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଆଜି ଛାତ୍ରଛାତ୍ରୀମାନେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଗାୟତ୍ରୀ କଲେଜରେ ସମ୍ପ୍ରତି ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ା ପାଇଁ ଆବଶ୍ୟକତ ଅଭିଜ୍ଞ ଅଧାପକ ନଥିବାବେଳେ କଲେଜରେ ନିୟମିତ ଅଧକ୍ଷ ମଧ୍ୟ ନାହାନ୍ତି। କେବଳ ସେତିକି ନୁହେଁ କଲେଜର ଛାତ୍ରୀ ନିବାସରେ ରହିବା ପାଇଁ ପରିଚାଳନା କର୍ତ୍ତୃପକ୍ଷ ଅନେକ ଟଙ୍କା ନେଉଥିବାବେଳେ ଅନ୍ତେବାସୀମାନଙ୍କୁ ଭଲ ଖାଇବାକୁ ପାଇଁ ଦିଆଯାଉନଥିବା ବେଳେ ଅନ୍ୟାନ୍ୟ ସୁବିଧା ମଧ୍ୟ ଦିଆଯାଉନଥିବା ଅଭିଯୋଗ କରି ଛାତ୍ରଛାତ୍ରୀମାନେ ଆଜି କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଜଣାପଡିଛି। ରିପୋର୍ଟ ଲେଖା ହେବା ବେଳକୁ ଧାରଣା ଚାଲୁ ରହିଥିବା ଜଣାପଡିଛି।

### ଆସେସ୍ ସିରିଜ ତୃତୀୟ ଟେଷ୍ଟ

# ମାଲାନଙ୍କ ଶତକ, ମଜବୁତ ସ୍ଥିତିରେ ଇଂଲଣ୍ଡ



ପର୍ଥ, ୧୪/୧୨(ଏଜେନ୍ସି): ଆସେସ୍ ସିରିଜର ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ୪ ୱିକେଟ ହରାଇ ୩୦୫ ରନ କରିଛି । ପାଳି ଆରମ୍ଭରୁ ସଅଳ ୱିକେଟ ହରାଇଥିବା ଇଂଲଣ୍ଡ ଦଳର ମଧ୍ୟକ୍ରମ ବ୍ୟାଟସମ୍ୟାନ ଡେଭିଡ ମାଲାନଙ୍କ କ୍ୟାରିଅରର ପ୍ରଥମ ଶତକ ଓ ଜନି ବେଅରଷ୍ଟୋଙ୍କ ସହ ମିଶି ୧୭୪ ରନର ଅପରାଜିତ ଶତକୀୟ ଭାଗିଦାରୀ କରି ଦଳକୁ ମଜବୁତ ସ୍ଥିତିରେ ନେଇଆସିଛନ୍ତି । ବାମହାତୀ ବ୍ୟାଟସମ୍ୟାନ ମାଲାନ ୧୭୪ ବଲର ସାମ୍ନା କରି ୧୫ ଚୌକା ଓ ୧ ଛକ୍କା ସହାୟତାରେ ୧୧୦ ରନ କରି ଅପରାଜିତ ଥିବାବେଳେ ବେଅରଷ୍ଟୋ ୧୪୯ ବଲର ସାମ୍ନା କରି ୧୦ ଚୌକା ସହୟତାରେ ୭୫ ରନ କରି ଅପରାଜିତ ରହିଛନ୍ତି । ଏହାଛଡା ଇଂଲଣ୍ଡ ଦଳର ଓପନର ମାର୍କ ଷ୍ଟୋନମ୍ୟାନ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଇଂଲଣ୍ଡ ଏକ ସମୟରେ ୧୩୧ ରନରେ ଟପ ଅର୍ଡରର ୪ ବ୍ୟାଟସମ୍ୟାନଙ୍କୁ ହରାଇ ସଂଘର୍ଷ କରୁଥିବାବେଳେ ମାଲାନ ଓ ବେଅରଷ୍ଟୋ ପାଳିକୁ ସମ୍ଭାଳିଥିଲେ । ଇଂଲଣ୍ଡ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ଦୁଇଟି ସେସନରେ ଦୁଇ-ଦୁଇଟି ୱିକେଟ ହରାଇଥିଲେ । କିନ୍ତୁ ମାଲାନ ଓ ବେଅରଷ୍ଟୋ ଶେଷ ସେସନରେ ଅଷ୍ଟ୍ରେଲିଆକୁ କୌଣସି ସଫଳତା ଦେଇନଥିଲେ । ନିଜର ୧୫୦ ତମ ଟେଷ୍ଟ ମ୍ୟାଚ ଖେଳୁଥିବା ଆଲିଷ୍ଟର କୁକଙ୍କ ଖରାପ ଫର୍ମ ଜାରି ରହିଛି । ସେ କେବଳ ସାତ ରନ କରି ଆଉଟ ହୋଇଥିଲେ । ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ୨ଟି ଓ ଜୋସ ହାଜାଲଉଡ ଓ ପ୍ୟାଟ କ୍ୟୁମିନସ ଗୋଟିଏ ୱିକେଟ ଦଖଲ କରିଛନ୍ତି । ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ପ୍ରଥମ ଦୁଇଟି ଟେଷ୍ଟ ଜିତି ଆସେସ ସିରିଜରେ ୨-୦ ଅଗ୍ରଣୀ ଲାଭ କରିସାରିଛି ।

# ଗୋଟିଏ ଓଭରରେ ୭ ଛକା



ନୂଆଦିଲ୍ଲୀ, ୧୪/୧୨(ଏଜେନ୍ସି): ବିଶ୍ୱ କ୍ରିକେଟରେ ଏମିତି ବହୁ କ୍ରିକେଟର ଅଛନ୍ତି ଯେଉଁମାନେ ଗୋଟିଏ ଓଭରରେ ୬ ଛକ୍କା ମାରିବାର କାରନାମା କରିଛନ୍ତି । ଯେବେ ଭି ଗୋଟିଏ ଓଭରରେ ୬ ଛକ୍କାର କଥା ଆସେ ସେତେବେଳେ ପ୍ରଥମ ନାମ ଆସେ ଟିମ ଇଣ୍ଡିଆର ଯୁବରାଜ ସିଂହଙ୍କର କିନ୍ତୁ ଏମିତି ଏକ ଖେଳାଳୀ ଅଛନ୍ତି ଯିଏ ଗୋଟିଏ ଓଭରରେ ୬ ଟି ନୁହେଁ ବରଂ ୭ ଟି ଛକ୍କା ମାରି ଇତିହାସ ସୃଷ୍ଟି କରିଛନ୍ତି । ଶ୍ରୀଲଙ୍କାର ଘରୋଇ କ୍ରିକେଟରେ ଯୁବ ବ୍ୟାଟସମ୍ୟାନ ନାବିନ୍ଦୁ ପହାସାରା ଗୋଟିଏ ଓଭରରେ ୭ ଟି ଛକ୍କା ମାରି ଏକ ନୂଆ କାରନାମା କରିଛନ୍ତି । ହେଲେ ଗୋଟିଏ ଓଭରରେ ଛଅଟି ବଲ ପଡିଥିବାବେଳେ ପହାସାରା ୭ ଟି ଛକ୍କା କେମିତି ମାରିଲେ ତାହା ସମସ୍ତଙ୍କ ମନରେ ଉଙ୍କି ମାରୁଥିବ କିନ୍ତୁ ଘଟଣାଟି ହେଉଛି ସେହି ଓଭରରେ ବୋଲର ଗୋଟିଏ ନୋବଲ ପକାଇଥିଲେ ଏବଂ ସେହି ନୋ ବଲରେ ମଧ୍ୟ ପହାସାରା ଛକ୍କା ମାରିଥିଲେ । ଏହିପରି ସେ ୬ ଟି ବୈଧ ବଲରେ ୭ ଟି ଛକ୍କା ମାରିବାର ଏକ ଅବିଶ୍ୱସନୀୟ କୀର୍ତ୍ତି ହାସଲ କରିଛନ୍ତି । ଗୁଡନେସ କପରେ ଫଗ କ୍ରିକେଟ ଏକାଡେମି ତରଫରୁ ଖେଳି ପହାସାରା କ୍ରିଜରେ ଆସି ଧୁଆଁଧାର ବ୍ୟାଟିଂ କରିବା ଆରମ୍ଭ କରିଥିଲେ । ଧର୍ମପାଳା କୋଟୱା ଦଳ ବିପକ୍ଷରେ ସେ ମାତ୍ର ୮୯ ବଲରେ ୧୦୯ ରନ କରିଥିଲେ । ଏହି ମ୍ୟାଚର ମୁଖ୍ୟ ଅତିଥି ରୂପେ ଶ୍ରୀଲଙ୍କାର ମହାନ ସ୍ପିନର ମୁଥୟା ମୁରଲୀଥରନ ପଡିଆରେ ଉପସ୍ଥିତ ଥିଲେ । ମ୍ୟାଚ ପରେ ମୁରଲୀଥରନ ପହାସାରାଙ୍କ ବେଶ ପ୍ରଶଂସା କରିବା ସହ ଆଗାମୀ ଭବିଷ୍ୟ ଲାଗି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ବଡବିଲର କାଉନସିଲରଙ୍କ ବନ୍ଧୁମିଳନ



ବଡବିଲ, ୧୪/୧୨(ଶ୍ରୁ.ମି): କେନ୍ଦୁଝର ଜିଲ୍ଲା ବଡବିଲ ପୌରାଂଚଳ ପିଜୁଳି ବାଗାନଠାରେ ଥିବା ମା'ତାରିଣୀ ଗୋଶାଳାରେ ପୌରାଧ୍ୟକ୍ଷ ଦିଲିପ ମିଶ୍ରଙ୍କ ଦ୍ୱାରା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ତମାନର ସମସ୍ତ କାଉନସିଲରମାନଙ୍କ ସହ ପୂର୍ବତନ ସମସ୍ତ କାଉନସିଲର, ଅଧ୍ୟକ୍ଷ, ଉପାଧ୍ୟକ୍ଷ ମାନେ ଏହି ବନ୍ଧୁମିଳନରେ ଯୋଗଦେଇଥିଲେ । ମିଳନର ପ୍ରାରମ୍ଭରେ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ମୂର୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ପୂର୍ବତନ ପୌରାଧ୍ୟକ୍ଷ ସ୍ୱର୍ଗତଃ କ୍ଷେତ୍ର ମୋହନ ମହାନ୍ତଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏହାପରେ ଭାବର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତାପ କିଶୋର ଦାସ ଏହି ବନ୍ଧୁମିଳନୀ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲାବେଳେ ଉପସ୍ଥିତ ସମସ୍ତ ଅତିଥି ମାନେ ପୌରାଧ୍ୟକ୍ଷ ଦିଲିପ ମିଶ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିବା ସହ ଏପରି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଉଦାହରଣ ସାଜିବ ବୋଲି ମତ ପ୍ରକାଶ କରିଥିଲେ । ପୌରପାଳିକାର ମୂଖ୍ୟ କିରାଣୀ ରମେଶ ମହାନ୍ତ କାର୍ଯ୍ୟକ୍ରମର ସୁପରିଚାଳନାରେ ସହାୟତା କରିଥିଲେ । ପୂର୍ବତନ କାଉନସିଲର ସୁବୋଧ ଦାସ ଏହି ବନ୍ଧୁମିଳନର ସମସ୍ତ ଦାୟିତ୍ୱ ନେଇ ସୁଚାରୁରୂପରେ ସମ୍ପନ୍ନ କରିଥିବାରୁ ପୌରାଧ୍ୟକ୍ଷ ମିଶ୍ର ସାଧୁବାଦ ଜଣାଇଥିଲେ । ଶେଷରେ ସମସ୍ତ ପୂର୍ବତନ ଓ ବର୍ତ୍ତମାନର କାଉନସିଲରମାନଙ୍କୁ ସ୍ମୃତି ଫଳକ, ପୁଷ୍ପ ଗୁଚ୍ଛ ଓ ଉପଢୌକନ ଆଦି ଦେଇ ସମ୍ମାନୀତ କରାଯାଇଥିଲା ।

### ଟିମ ଇଣ୍ଡିଆର ଆଉ ଏକ ରେକର୍ଡ

# ଦିନିକିଆରେ କଲା ୩୦୦ ରନର ସେଞ୍ଚୁରୀ



ନୂଆଦିଲ୍ଲୀ, ୧୪/୧୨(ଏଜେନ୍ସି): ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପଦାର୍ପଣ କରିବାର ପ୍ରାୟ ୨୧ ବର୍ଷ ପର୍ଯ୍ୟନ୍ତ ଟିମ ଇଣ୍ଡିଆ ଗୋଟିଏ ପାଳିରେ ୩୦୦ ରନ କରିବା ପାଇଁ ଝୁରି ହେଉଥିଲା କିନ୍ତୁ ତା'ପର ୨୧ ବର୍ଷରେ ଗୋଟିଏ ପାଳିରେ ୩୦୦ ରୁ ତଦୁର୍ଦ୍ଧ ରନ କରିବାର ସେଞ୍ଚୁରୀ କରିବାରେ ପ୍ରଥମ ଦଳ ହୋଇ ଆଉ ଏକ ରେକର୍ଡ ନିଜ ନାମରେ କରିନେଇଛି ଟିମ ଇଣ୍ଡିଆ । ଶ୍ରୀଲଙ୍କା ବିପକ୍ଷରେ ଭାରତ ମୋହାଲିରେ ଦ୍ୱିତୀୟ ଦିନିକିଆରେ ୪ ୱିକେଟ ବିନିମୟରେ ୩୯୨ ରନର ସ୍କୋର କରି ୧୦୦ ତମ ଥର ୩୦୦ ରୁ ଅଧିକା ରନ କରିବାର ରେକର୍ଡ କରିଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅନ୍ୟ ଦଳ ଏହି ସଫଳତା ହାସଲ କରିନାହିଁ । ଭାରତ ପରେ ଅଷ୍ଟ୍ରେଲିଆ ସର୍ବାଧିକ ୯୬ ଥର ୩୦୦ ରୁ ଅଧିକା ରନ କରିବାର ଉପଲବ୍ଧି ହାସଲ କରିଛି । ଦକ୍ଷିଣ ଆଫ୍ରିକା ୭୯ ଥର, ପାକିସ୍ତାନ ୬୯ ଥର, ଶ୍ରୀଲଙ୍କା ୬୬ ଥର, ଇଂଲଣ୍ଡ ୫୮ ଥର, ନ୍ୟୁଜିଲାଣ୍ଡ ୫୨ ଥର, ୱେଷ୍ଟଇଣ୍ଡିଜ ୩୮ ଥର, ଜିମ୍ବାୱେ ୨୫ ଥର ଓ ବଙ୍ଗଳାଦେଶ ୧୧ ଥର ୩୦୦ ରନରୁ ଅଧିକା ରନ କରି ଭାରତଠାରୁ ବହୁ ପଛରେ ରହିଛନ୍ତି । ଭାରତ ନିଜର ପ୍ରଥମ ଦିନିକିଆ ମ୍ୟାଚ ୧୯୭୪ ଜୁଲାଇ ୧୩ ତାରିଖରେ ଖେଳିଥିଲା ଏବଂ ୩୦୦ ରନ ସ୍କୋର ପହଞ୍ଚିବା ପାଇଁ ୨୧ ବର୍ଷ ୯ ମାସ ଓ ଦୁଇଦିନର ସମୟ ଲାଗିଥିଲା । ଜିମ୍ବାୱେ ଓ ଶ୍ରୀଲଙ୍କା ଭାରତଠାରୁ ପ୍ରଥମେ ୩୦୦ ରନର ସ୍କୋର ହାସଲ କରିଥିଲେ । ଏହି ମଧ୍ୟରେ ଭାରତ ୨୮୨ ଦିନିକିଆ ମ୍ୟାଚ ଖେଳି କେବଳ ଥରେ ୨୯୦ ରନର ସଂଖ୍ୟା ପାର କରିଥିଲା । ଭାରତ ଦିନିକିଆରେ ପ୍ରଥମ ୨୧ ବର୍ଷର ଉଚ୍ଚତମ ସ୍କୋର ୨୯୯ ଥିଲା ଯାହା ସେ ଶ୍ରୀଲଙ୍କା ବିପକ୍ଷରେ ୧୯୮୭ରେ ମୁମ୍ବାଇରେ କରିଥିଲା । ପାକିସ୍ତାନ ବିପକ୍ଷରେ ୧୯୯୬ ଏପ୍ରିଲ ୧୫ ତାରିଖ ଶାରଜାହା କପରେ ପ୍ରଥମ ଥର ୩୦୦ ରନର ସଂଖ୍ୟା ଛୁଇଁ ଥିଲା । ଏହାପରେ ଲଗାତାର ଏହି ସ୍କୋର ହାସଲ କରି ୨୧ ବର୍ଷ ୭ ମାସ ଓ ୨୮ ଦିନ ମଧ୍ୟରେ ୧୦୦ ଥର ୩୦୦ ରୁ ବେଶୀ ସ୍କୋର କରିଥିବା ପ୍ରଥମ ଦଳ ହୋଇଯାଇଛି । ଏହି ମଝିରେ ଭାରତ ୬୫୦ ମ୍ୟାଚ ଖେଳି ପାଞ୍ଚ ଥର ୪୦୦ ରନ ପାର କରିଛି । ଦକ୍ଷିଣ ଆଫ୍ରିକା ଭାରତଠାରୁ ଅଧିକା ୬ ଥର ୪୦୦ ରୁ ଉର୍ଦ୍ଧ ସ୍କୋର କରିଛି । ଟିମ ଇଣ୍ଡିଆ ୧୯୯୬ ରୁ ୧୯୯୯ ମଧ୍ୟରେ ୧୧ ଥର ୩୦୦ ରନର ସ୍କୋର ହାସଲ କରିଥିଲା କିନ୍ତୁ ଏହାପରେ ୧୮ ବର୍ଷରେ ୮୯ ଥର ଏହି ସଂଖ୍ୟା ଛୁଇଁଚି ଯାହା ସର୍ବାଧିକ । ବିଗତ ଦଶ ବର୍ଷରେ ଭାରତ ୬୫ ଥର ୩୦୦ ରନରୁ ଅଧିକା କରିଛି । ଚଳିତ ୨୦୧୭ ବର୍ଷରେ ଟିମ ଇଣ୍ଡିଆ ୧୦ ଥର ୩୦୦ ରୁ ଅଧିକା ରନ ସ୍କୋର କରିଛି । ଭାରତ ପ୍ରଥମେ ବ୍ୟାଟିଂ କରି ୭୩ ଥର ଓ ଲକ୍ଷ୍ୟର ପିଛା କରି ୨୭ ଥର ୩୦୦ ରନରୁ ଅଧିକା ରନ ସ୍କୋର କରିଛି । ଭାରତ ସ୍ୱଦେଶରେ ୪୬ ଥର ଓ ବିଦେଶ ମାଟିରେ ୫୬ ଥର ଏହି ପରିସଂଖ୍ୟାନକୁ ଛୁଇଁଚି । ଭାରତ ଶ୍ରୀଲଙ୍କା ବିପକ୍ଷରେ ସର୍ବାଧିକ ୨୧ ଥର ୩୦୦ ରନରୁ ଉର୍ଦ୍ଧ୍ୱ ସ୍କୋର ହାସଲ କରିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ୧୫ ଥର ତଥା ଇଂଲଣ୍ଡ ଓ ପାକିସ୍ତାନ ବିପକ୍ଷରେ ୧୪-୧୪ ଥର ଏହି ଉପଲବ୍ଧି ହାସଲ କରିଛି । ମହେନ୍ଦ୍ର ସିଂହ ଧୋନୀଙ୍କ ଅଧିନାୟକ ସମୟରେ ଭାରତ ସର୍ବାଧିକ ୪୩ ଥର ୩୦୦ ରନ ସ୍କୋର ପାର କରିଛି ଯାହା ଏକ ବିଶ୍ୱ ରେକର୍ଡ ।

# ବେଦାନ୍ତ ଲାଞ୍ଜିଗଡରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ



ଲାଞ୍ଜିଗଡ, ୧୪/୧୨(ଶ୍ରୁ.ମି): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ବେଦାନ୍ତ ତରଫରୁ ଶକ୍ତି ସଂରକ୍ଷଣ ନେଇ ବିଭିନ୍ନ ସଚେତନାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ମୂଖ୍ୟ ଅର୍ଥ ଅଧିକାରୀ ଜଳଦ ମାଲପାଣି, ଅପରେସନ ମୁଖ୍ୟ ସଂଜ୍ଞୀବ କୁମାାର, କମରସିଆଲ ମୁଖ୍ୟ ଅନୀଲ ରାୟ, ଇଞ୍ଜିନିୟରିଂ ମୁଖ୍ୟ ପ୍ରଭାକର ରାଓ, ଲିଗାଲ ମୁଖ୍ୟ ମନୋଜ ଶତପଥୀ, ସିପିପି ମୁଖ୍ୟ ବିରାଜ ଶଙ୍କର ମୁଣ୍ଡ, ସୁରକ୍ଷା ବିଭାଗ ମୁଖ୍ୟ ରାଜୀବ ରଞ୍ଜନ ଯୋଗଦେଇ ଜାତୀୟ ଶକ୍ତି ସଂରକ୍ଷଣ ଦିବସର ଅନୁଚିନ୍ତା ଉପରେ ଆଲୋକପାତ କରିବା ସହ ଏନେଇ କମ୍ପାନୀରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ କହିଥିଲେ । ପୂର୍ବରୁ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶକ୍ତି ସଂରକ୍ଷଣ ନେଇ ସଚେତନତା ବୃଦ୍ଧି କରିବାପାଇଁ କମ୍ପାନୀ କର୍ମଚାରୀ ତଥା କାର୍ଯ୍ୟରତ ସହକାରୀ କମ୍ପାନୀ କର୍ମଚାରୀମାନଙ୍କୁ ନେଇ ଏକ ର୍ୟାଲିର ଆୟୋଜନ ମଧ୍ୟ କରାଯାଇଥିଲା । ଅଭିଯାନକୁ ଆହୁରି ସଶକ୍ତିକରଣ କରିବାପାଇଁ କମ୍ପାନୀର କର୍ମଚାରୀମାନେ ପାର୍ଶ୍ୱବର୍ତ୍ତୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶକ୍ତି ସଂରକ୍ଷଣର ଉପାଦେୟତା ବୁଝାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଇବାର ଯୋଜନା ରହିଛି । ଆଜିର କାର୍ଯ୍ୟକ୍ରମକୁ ସଞ୍ଜୟ ଜେନା, ସନ୍ତୋଷ ନନ୍ଦ, ସଂଗ୍ରାମ ମହାପାତ୍ର ଓ ସୁସ୍ମିତା ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ ।

# ପାନ୍ଥର କ୍ରିକ୍‌ଫେଷ୍ଟ-୨୦୧୭ ଜୋସ୍ ଦଳ ଚାମ୍ପିଅନ



ଅନୁଗୋଳ, ୧୪/୧୨(ଶ୍ରୁ.ମି.) : ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଅଫିସର୍ସ କ୍ଲବ ଦ୍ୱାରା ଆୟୋଜିତ ପାନ୍ଥର କ୍ରିକ୍‌ଫେଷ୍ଟ ୨୦୧୭ର ଉଦ୍‌ଯାପନ ଗତ ସନ୍ଧ୍ୟାରେ ହୋଇଯାଇଅଛି । ଏହି ଟୁର୍ଣ୍ଣାମେଣ୍ଟଟି ୬ ଦିନ ବ୍ୟାପୀ ଚାଲିଥିବାବେଳେ ଫାଇନାଲ ମ୍ୟାଚଟି ଟିମ୍ ଜୋସ୍ ଏବଂ ଟିମ୍ ଏକ୍ସଟ୍ରିମ ମଧ୍ୟରେ ଖେଳାଯାଇଥିଲା ଏବଂ ଯେଉଁଥିରେ ଜୋସ୍ ଟିମ୍ ଏକ୍ସଟ୍ରିମ୍ ଟିମ୍‌କୁ ୭ ୱିକେଟ୍‌ରେ ପରାସ୍ତ କରି ପାନ୍ଥର କ୍ରିକ୍ ଫେଷ୍ଟ ୨୦୧୭ର ବିଜେତା ହୋଇଅଛି । ଉକ୍ତ ସନ୍ଧ୍ୟାରେ ଜେଏସ୍‌ପିଏଲ୍ ଅନୁଗୋଳ ପ୍ରକଳ୍ପ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦିନେଶ କୁମାର ସରୋଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଶ୍ରୀ ସରୋଗୀଙ୍କ ସହ ଶ୍ରୀ ଦାମୋଦର ମିତ୍ତଲ - ଇସ୍ପାତ ନିର୍ମାଣ ମୁଖ୍ୟ ଏବଂ ଜେଓସିର ସାଧାରଣ ସଂପାଦକ ଶ୍ରୀ ଏ.ଏନ.ତିୱାରୀ, ଇଡିପି-ସିଜିପି ଶ୍ରୀ ଅରବିନ୍ଦ କୁମାର, ଇଭିପି-ଫାଇନାନ୍ସ ଶ୍ରୀ ସମର ସୁରୀ, ଇଭିପି-ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ଅନ୍ୟ ବରିଷ୍ଠ ଅଫିସର ବୃନ୍ଦ, ଜେଏସ୍‌ପିଏଲ୍ କର୍ମଚାରୀ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମର ଦର୍ଶକ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଉକ୍ତ ଫାଇନାଲ୍ ମ୍ୟାଚରେ ୧୦୫ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଜୋସ୍ ଟିମ୍ ନିର୍ଦ୍ଧାରିତ ୧୦ ଓଭରର ଶେଷ ବଲ୍‌ରେ ଆବଶ୍ୟକ ରନ୍‌ର ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟ ବିଜେତା ହୋଇଥିବାବେଳେ ଟିମ୍ ଜୋସ୍‌ର ଧର୍ମେନ୍ଦ୍ର ସିଂହଙ୍କ ଅପରାଜିତ ୭୨ ରନ୍ ୩୮ ବଲ୍‌ରୁ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସିଜିପି ଦଳର ମହମ୍ମଦ ସଦାମ ହୁସେନ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ । ଏହି ଶୁଭ ସନ୍ଧ୍ୟାରେ ଶ୍ରୀ ସରୋଗୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ଜିନ୍ଦଲ ଅଫିସର୍ସ କ୍ଲବ ଦ୍ୱାରା ଆୟୋଜନ କରାଯାଉଥିବା ବର୍ଷର ବିଭିନ୍ନ ସମୟରେ ଏହି ଖେଳ ପ୍ରତିଯୋଗୀତାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟଟି ଗତ ଡିସେମ୍ବର ୮ ତାରିଖରୁ ଆରମ୍ଭ ହୋଇଥିଲାବେଳେ ସମୁଦାୟ ୧୮ ଗୋଟି ମ୍ୟାଚ୍‌ର ଆୟୋଜନ କରାଯାଇଥିଲା ।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଦୁଇଟି ବ୍ଲାଷ୍ଟ ଫର୍ଣ୍ଣେସରୁ ଉତ୍ତପ୍ତ ଧାତୁ ଉତ୍ପାଦନରେ ନୂତନ ଦିନିକିଆ ରେକର୍ଡ



ରାଉରକେଲା, ୧୪/୧୨(ଶ୍ରୁ.ମି.) : ମହାରତ୍ନ କମ୍ପାନୀ ସେଲ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ-୪ ଓ ୫ ଡିସେମ୍ବର ୧୨ ତାରିଖରେ ସମୁଦାୟ ୧୧୨୪୩ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଦିନିକିଆ ଉତ୍ପାଦନ ରେକର୍ଡ ସ୍ଥାପନ କରିଛି । ଏଥିପୂର୍ବରୁ ଗତ ଏପ୍ରିଲ ୨ ତାରିଖରେ ଦୁଇଟି ଫର୍ଣ୍ଣେସରୁ ୧୧୦୮୭ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କାରଖାନାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା । ଉଲ୍ଲେଖନୀୟ ଯେ, ଆରଏସପିର ସିଇଓ, ଶ୍ରୀ ଅଶ୍ୱିନୀ କୁମାରଙ୍କ ମାର୍ଗଦର୍ଶନରେ ବିଭିନ୍ନ କ୍ଷେତ୍ରରେ ବିବିଧ ପ୍ରୋସେସ ଉନ୍ନତିକରଣ ଓ ଗୁଣବତ୍ତା ପ୍ରବନ୍ଧନର ଫଳସ୍ୱରୂପ ଏହି ସଫଳତା ହାସଲ ସମ୍ଭବପର ହୋଇପାରିଛି । ବ୍ଲାଷ୍ଟ ଫର୍ଣ୍ଣେସକୁ ତିନିଟି ବିଭାଗ ଯଥା ଓର ବେଡିଙ୍ଗ ଆଣ୍ଡ ବ୍ଲେଣ୍ଡିଂ ପ୍ଲାଣ୍ଟ କଞ୍ଚାମାଲ, କୋକ ଓଭେନ ବିଭାଗ କୋକ ଏବଂ ସିଣ୍ଟର ପ୍ଲାଣ୍ଟ ଆବଶ୍ୟକୀୟ ସିଣ୍ଟର ଯୋଗାଇଦେଇଥାନ୍ତି । ଇନପୁଟ କଞ୍ଚାମାଲ ଯୋଗାଉଥିବା ଏହି ସମସ୍ତ ତିନିଟି ବିଭାଗରେ ଗୁଣବତ୍ତା, ପରିମାଣ ଓ ନିରନ୍ତରତାରେ ଉନ୍ନତି ସାଧାନ ନିମନ୍ତେ ବିବିଧ ପ୍ରୟାସ ଗ୍ରହଣ କରାଯାଇଛି । ଯାହା ବ୍ଲାଷ୍ଟ ଫର୍ଣ୍ଣେସର ପ୍ରଦର୍ଶନରେ ସାମଗ୍ରିକ ଉନ୍ନତି ଆଣିବାରେ ସହାୟକ ହୋଇଛି । ଏଥି ସମସ୍ତ ୟୁନିଟର କର୍ମଚାରୀଙ୍କ ସହିତ ନିରନ୍ତ ମତବିନିମୟ କରୁଥିବା ଶ୍ରୀ ଅଶ୍ୱିନୀ କୁମାର ପ୍ରତ୍ୟେକ ସମସ୍ୟାର ତ୍ୱରିତ ସମାଧାନ ଓ ପ୍ରୋସେସଗୁଡିକୁ ଅଧିକ ନିପୁଣ ଗଢିତୋଳିବା ସୁନିଶ୍ଚିତ କରିଥିଲେ । ଓର ବେଡିଙ୍ଗ ଆଣ୍ଡ ବ୍ଲେଣ୍ଡିଂ ପ୍ଲାଣ୍ଟରେ ବେସ ମିକ୍ସ ପ୍ରସ୍ତୁତି ପ୍ରକ୍ରିୟାରେ ଆଂଶିକ ପରିବର୍ତ୍ତନ ଅଣାଯାଇଥିଲା । ବେସ ମିକ୍ସ ବେଡରେ ଲେୟର ସଂଖ୍ୟାରେ ବୃଦ୍ଧି ଓ କନଭେୟର ବେଲ୍ଟ ଗତିରେ ଉନ୍ନତି ଆଣିବା ଦ୍ୱାରା ଲୁହାପଥର ଉନ୍ନତତର ସମ୍ମିଶ୍ରଣ ସମ୍ଭବପର ହୋଇପାରିଲା । ଯାହାଦ୍ୱାରା ଇନପୁଟ୍ ମେଟେରିଆଲ୍, ସିଣ୍ଟର ପ୍ଲାଣ୍ଟ ଓ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗରେ ଗୁଣବତ୍ତାରେ ଅଧିକ ଉନ୍ନତି ସୁନିଶ୍ଚିତ ହୋଇପାରିଛି । ଅନୁରୂପ ଭାବେ କୋକ ଓଭେନ ବିଭାଗରେ ବ୍ୟାଟେରୀଗୁଡିକରେ ସର୍ବୋତ୍ତମ କୋଇଲା ବ୍ଲେଣ୍ଡ ପ୍ରସ୍ତୁତି ଦ୍ୱାରା କମ ଖର୍ଚ୍ଚରେ ଉଚ୍ଚମାନର କୋକ ଉତ୍ପାଦନ ସମ୍ଭବପର ହୋଇପାରିଛି । ସେହିଭଳି ସିଣ୍ଟର ପ୍ଲାଣ୍ଟ ୨ ଓ ୩ରେ ଉଚ୍ଚ ଗୁଣମାନର ବେସ ମିକ୍ସ ସହିତ ସିଣ୍ଟର ମେସିନ ସକ୍ସନ ପ୍ରେସରରେ ବୃଦ୍ଧି, ପରିଚାଳନାଗତ ନିରନ୍ତରତା, ଉପଲବ୍ଧ ସୁବିଧା ଓ ଲଜିଷ୍ଟିକ୍ସଗୁଡିକର ବୈଷୟିକ ସମସ୍ୟାର ତ୍ୱରିତ ସମାଧାନ ଦ୍ୱାରା ଉଚ୍ଚମାନର ତଥା ପରିବର୍ଦ୍ଧିତ ସିଣ୍ଟର ଉତ୍ପାଦନ ସମ୍ଭବପର ହୋଇପାରିଛି । ପ୍ରକାଶଯୋଗ୍ୟ ଯେ, ସିଣ୍ଟର ପ୍ଲାଣ୍ଟ ୩ ଗତ ୨୦ ଦିନ ମଧ୍ୟରେ ୪ ଥର ଦିନିକିଆ ଉତ୍ପାଦନ ରେକର୍ଡ ସୃଷ୍ଟି କରିଛି । ସଦ୍ୟତମ ରେକର୍ଡ ରୂପେ ଡିସେମ୍ବର ୧୨ ତାରିଖରେ ବିଭାଗ ୧୧୮୫୪ ଟନ୍ ସିଣ୍ଟର ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଦିନିକିଆ ଉତ୍ପାଦନ ହାସଲ କରିଛି । ଏଥିସହିତ ଉତ୍ସାହିତ ବିଭାଗୀୟ ସମୁଦାୟିକ ଅଧିକ ରେକର୍ଡ ସ୍ଥାପନ ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗରେ ଅପେକ୍ଷାକୃତ କମ୍ ସାଇଜ ବିଶିଷ୍ଟ ସିଣ୍ଟର ଉପଯୋଗ କରାଯିବାର ଏକ ପ୍ରୟାସ ଗ୍ରହଣ କରାଯାଇଛି । ଯାହାଦ୍ୱାରା ରିଟର୍ଣ୍ଣ ସିଣ୍ଟର ଫାଇନ୍ ଯଥେଷ୍ଟ କମ୍ ହୋଇପାରିଛି ଏବଂ ଉଭୟ ବ୍ଲାଷ୍ଟ ଫର୍ଣ୍ଣେସ ଓ ସିଣ୍ଟର ପ୍ଲାଣ୍ଟ ବିଭାଗର ଉତ୍ପାଦକତା ଓ ବୈଷୟିକ ଆର୍ଥିକ ପରିମାପକତାରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇପାରିଛି । ଏଥିସହିତ ଆପେକ୍ଷିକ ଆଇରନ ଓର ବ୍ୟବହାର ମଧ୍ୟ ହ୍ରାସ ପାଇଛି । ଷ୍ଟକ ହାଉସର ଅପରେସନ ଓ ରକ୍ଷଣାବେକ୍ଷଣରେ ମଧ୍ୟ ବହୁଳ ଉନ୍ନତି ସାଧନ କରାଯାଇଛି । ବ୍ଲାଷ୍ଟ ଫର୍ଣ୍ଣେସ ଅପରେସନରେ ପଲ୍ଭରାଇଜଡ କୋଲ ଇଂଜେକ୍ସନର ବୃଦ୍ଧି ମଧ୍ୟ ବୈଷୟିକ ଆର୍ଥିକ ପରିମାପକତାରେ ଉନ୍ନତି ସାଧାନ ଓ ଉତ୍ତପ୍ତ ଧାତୁ ଉତ୍ପାଦନ ଖର୍ଚ୍ଚ ହ୍ରାସରେ ବିଶେଷ ସାହାୟକ ହୋଇଛି । ଉତ୍ପାଦନ ଖର୍ଚ୍ଚ କମ ହେବାଦ୍ୱାରା ଇନପୁଟ୍ କଞ୍ଚାମାଲର ମୂଲ୍ୟବୃଦ୍ଧିର ପ୍ରଭାବ ମେଣ୍ଟାଇବାରେ କାରଖାନା ସକ୍ଷମ ହୋଇପାରିଛି । ସୂଚନାଯୋଗ୍ୟ ଯେ, କାରଖାନାର ସିଇଓ, କାର୍ଯ୍ୟ ବିଭାଗର ଇଡି ଶ୍ରୀ ଶୁଭେନ୍ଦ୍ର ଦାସ ଓ ସମ୍ପୃକ୍ତ ବିଭାଗଗୁଡିକର ମହାପ୍ରବନ୍ଧକମାନେ ଗଣଯୋଗାଯୋଗ ଅଧିବେଶନ ଠାରୁ ଆରମ୍ଭ କରି ତାଳମେଳ ଓ ନୂତନ ଦିଗନ୍ତ ପ୍ରୟାସ ଭଳି ବିଭିନ୍ନ ମଞ୍ଚରେ କର୍ମଚାରୀମାନଙ୍କ ସହିତ ନିରନ୍ତର ମତବିନିମୟ କରୁଛନ୍ତି । ଏହି ସମସ୍ତ ଅଧିବେଶନରେ ସିଇଓ କର୍ମଚାରୀଙ୍କ ଦ୍ୱାର ଉପସ୍ଥାପିତ ପ୍ରସ୍ତାବଗୁଡିକୁ ନା କେବଳ ମନଯୋଗ ସହକାରେ ଶୁଣୁଛନ୍ତି, ବରଂ ସେଗୁଡିକର ଉପଯୋଗିତା ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା ମଧ୍ୟ କରୁଛନ୍ତି ଯାହା କର୍ମଚାରୀମାନଙ୍କ ମନରେ ଏକ ନିଜସ୍ୱ ଭାବନାକୁ ସୁଦୃଢ଼ କରିଛି । ସମୁଦାୟିକ ମାନସ ମନ୍ଥନ ଓ ନିଷ୍ପତ୍ତି ଗ୍ରହଣ କାରଖାନାର ଅପରେସନାଲ ନିପୁଣତାରେ ଉନ୍ନତି ଆଣିବାରେ ସହାୟକ ହୋଇଛି ଏବଂ ପ୍ରଦର୍ଶନରେ ସାମଗ୍ରିକ ଉନ୍ନତି ହାସଲ ହୋଇପାରିଛି ।

Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/ 193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549625, E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର